e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୭୬ ● ୧୪ ଅପ୍ରେଲ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-76 ● 14th April 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



୬ ରାଜସ୍ଥାନ ରୟାଲ୍ସକୁ ୯ ୱିକେଟରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ




## ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତିଙ୍କ ଆହ୍ୱାନ

ଭୁବନେଶ୍ୱର, ୧୩।୪

ନ୍ୟୁଜ୍ ବ୍ୟୁରୋ

୭୭ ତମ ରାଜଧାନୀ ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଛି । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର,



ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହ, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଭାଇସ ଚେୟାରମ୍ୟାନ ଏନ ତିରୁମାଲ୍ଲ ନାଏକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଖୋର୍ଦ୍ଧା ଅତିରିକ୍ତ ଶିକ୍ଷାଧିକାରୀ ଡଃ ପ୍ରଜ୍ଞା ପାରମିତା ଜେନା, ସମସ୍ତ (ପୃଷ୍ଠା ୭ରେ)

## ୬ ମାସରେ ୧୬ ହଜାର ୫୯ଟି ପଦବୀ ସୃଷ୍ଟି କଲା ଗୃହ ବିଭାଗ

ଭୁବନେଶ୍ୱର, ୧୩।୪

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟତଃ ଆଇନ ଶୃଙ୍ଖଳା ବଜାୟ ରଖିବା, ଅପରାଧ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପୁଲିସ ବହୁମୁଖୀ ଭୂମିକା ନିର୍ବାହ କରିଥାଏ । ଏଥିରେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଧରିବା ଏବଂ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ଅନ୍ତର୍ଭୁକ୍ତ । ସେମାନେ ଜନଶୃଙ୍ଖଳା ରକ୍ଷଣାବେକ୍ଷଣ, ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ବିପର୍ଯ୍ୟୟ ମୁକାବିଲା ଆଦି ସମସ୍ତ କ୍ଷେତ୍ରରେ ସକ୍ରିୟ ଯୋଗଦାନ କରିଥାନ୍ତି ।




ରାଜ୍ୟର ଏହିସବୁ ଗୁରୁଦାୟିତ୍ୱ ନିର୍ବାହ କ୍ଷେତ୍ରରେ କ୍ଷମତା ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ଗତ ଛଅ ମାସ ମଧ୍ୟରେ ଓଡ଼ିଶା ପୁଲିସରେ ୧୬,୦୫୯ଟି ନୂତନ ପଦବୀ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି । ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ସାହୁ ଗୃହ ବିଭାଗରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି ।

ପୁଲିସ ବାହିନୀର ବିଭିନ୍ନ ବିଭାଗକୁ ସୁଦୃଢ଼ କରିବା, ନୂତନ କ୍ରମବର୍ଦ୍ଧିଷ୍ଣୁ ସୁରକ୍ଷା ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟରେ ସାମଗ୍ରିକ ଆଇନ ଶୃଙ୍ଖଳାରେ ଉନ୍ନତି ଆଣିବା ଏହି ପଦବୀ ବୃଦ୍ଧିର ଲକ୍ଷ୍ୟ । ପୋଲିସ ବିଭାଗର ୯ ଟି କ୍ଷେତ୍ରରେ ଏହି ନୂତନ ପଦବୀଗୁଡିକ ସୃଷ୍ଟି କରାଯାଇଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି । (ପୃଷ୍ଠା ୭ରେ)

## ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ପ୍ରଘଟ ଉପରେ ରହିବ ନଜର



ଭୁବନେଶ୍ୱର, ୧୩।୪

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୪ ତାରିଖ ଦିନ ସାରା ରାଜ୍ୟରେ ମହା ବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ପାଳିତ ହେବାକୁ ଯାଉଛି । ଏହି ପର୍ବର ଶୃଙ୍ଖଳିତ ପାଳନ ଉପଲକ୍ଷେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟ ଠାରେ ରାଜ୍ୟର ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଆଇଜି(ଗୁଇନ୍ଦା) ଜୟ ନାରାୟଣ ପଙ୍କଜଙ୍କ ସମେତ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଆର୍ ପି କୋଚେ, ସମସ୍ତ ରେଞ୍ଜର ଆଇଜି, ଡିଆଇଜି, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପି ପ୍ରମୁଖ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ ।

ସର୍ବପ୍ରଥମେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବିଗତ ଦିନରେ ଶ୍ରୀରାମ ନବମୀକୁ ସାରା ରାଜ୍ୟରେ ଶୃଙ୍ଖଳିତ ଭାବେ ପାଳନ କରାଯାଇଥିବାରୁ ପୋଲିସ ବିଭାଗକୁ ସାଧୁବାଦ ଜଣାଇଥିଲେ । ସମ୍ବେଦନଶୀଳ (ପୃଷ୍ଠା ୭ରେ)

## ୟୁକ୍ରେନ ଉପରେ ରୁଷର ଆକ୍ରମଣ ଜାରି: ୨୧ ମୃତ



ୟୁକ୍ରେନ୍, ୧୩।୪

ଗୋଟିଏ ପଟେ ଯୁଦ୍ଧ ବିରତି ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ସହିତ ଆଲୋଚନା ଜାରି ରଖିଥିବାବେଳେ ଅନ୍ୟପଟେ ରୁଷ ୟୁକ୍ରେନ ଉପରେ ଆକ୍ରମଣକୁ ଜୋରଦାର କରିବାରେ ଲାଗିଛି । ରବିବାର ରୁଷ ପକ୍ଷରୁ ୟୁକ୍ରେନର ସୁମି ସହର ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଯାହାଫଳରେ ୨୧ ଜଣଙ୍କ ପ୍ରାଣହାନି ଘଟିଛି । ଏହି ଆକ୍ରମଣରେ ଅନ୍ୟ ୮୩ ଜଣ ଗୁରୁତର ଆହତ ହୋଇଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍ସ୍କି ଆକ୍ରମଣ ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ (ପୃଷ୍ଠା ୭ରେ)

## ପ୍ରଥମ ଥର ଶକ୍ତିଶାଳୀ ଲେଜର ବେସଡ ୱିପନ ପ୍ରଦର୍ଶନ କଲା ଭାରତ




ନୂଆଦିଲ୍ଲୀ, ୧୩।୪

ଭାରତ ପ୍ରଥମ ଥର ଏକ ଡ୍ରୋନକୁ ଖସାଇ ଦେବା ପାଇଁ ଉଚ୍ଚ-ଶକ୍ତିଶାଳୀ ଲେଜର-ବେସଡ ୱିପନ ବ୍ୟବହାର କରି ଏକ ଭବିଷ୍ୟତରେ ଆବଶ୍ୟକ ଅସ୍ତ୍ରର ସଫଳତାର ସହିତ ପରୀକ୍ଷଣ କରିଛି ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ନିର୍ମିତ ସିଷ୍ଟମ ଡ୍ରୋନକୁ ଟ୍ରାକ କରିଥିଲା, ଯାହାକୁ ଏହି ଲେଜର-ବେସଡ ୱିପନ ନଷ୍ଟ କରିଥିଲା ।

ଏହି ପ୍ଲାଟଫର୍ମ ଭାରତର ସଶସ୍ତ୍ର ବାହିନୀ ପାଇଁ ଏକ ବଡ଼ ପରିବର୍ତ୍ତନକାରୀ ସୁଯୋଗ ଆଣିବ । କାରଣ ୟୁକ୍ରେନରେ ଯୁଦ୍ଧ ଭଳି ଆଧୁନିକ ଯୁଦ୍ଧରେ ଡ୍ରୋନ ଯୁଦ୍ଧ ବର୍ଦ୍ଧିତ ଭାବରେ ବ୍ୟବହୃତ ହେଉଛି ।

ସିଏଚ୍‌ଇଏସ୍‌ଏସ୍ ଡିଆରଡିଓ କୁର୍ଣ୍ଣୁଲରେ ଯାନବାହନ ମାଉଣ୍ଟେଡ ଲେଜର ନିର୍ଦ୍ଦେଶିତ ଅସ୍ତ୍ର (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଅପ୍ରେଲ ୨୦୨୫ ସୋମବାର





# ପ୍ରଭୁ ରଘୁନାଥଙ୍କ ବେଶରେ ଶ୍ରୀ ବଳଦେବଜୀଉ



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

ଚୈତ୍ର ପୂର୍ଣ୍ଣିମା ତିଥିରେ ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ଜୀଉମାନଙ୍କ ବେଶ ହୋଇଥିଲା । ପ୍ରଥମେ ସୂତା ମଉଳି ଦିଆଯାଇ ମଣ୍ଡଳ ପିନ୍ଧା ଯାଇଥିଲା। ପରେ ଶ୍ରୀ ଭୂଜ, ଶ୍ରୀ ପୟର, ପାଟ କୋଦଣ୍ଡ ଶର, ଅଷ୍ଟ ମଲରେ ସଜ୍ଜିତ ବେଶରେ ଆଳତି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭକ୍ତମାନଙ୍କ ଭିଡ ମନ୍ଦିରେର ଲାଗି ରହିଥିଲା, ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ରାତ୍ର ଧୂପ ସମ୍ପନ୍ନ ପରେ ଛତ୍ରକାଟ ନୀତି ଅନୁଷ୍ଠିତ ହୋଇଥିଲା । ପୂଜା ପଣ୍ଡାଙ୍କ ଦ୍ୱାରା ଶ୍ରୀଅଙ୍ଗରୁ ଆଜ୍ଞା ମାଳ ପରିବେଷଣ କାରିଙ୍କୁ ଦିଆଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା । ରାମାୟଣର କିଛି କାର୍ଯ୍ୟକ୍ରମ ପରିବେଷଣ କର ଯାଇଥିଲା । ରତ୍ନ ସିଂହାସନରେ ବିଭୀଷଣ ଲାଗି କରାଯାଇ ମହାସ୍ନାନ ହୋଇଥିଲା । ଚଳନ୍ତି ପ୍ରତିମା ରାମ ଟୁଙ୍ଗିକୁ ଯାତ୍ରା କରିଥିଲେ ମଧ ରାତ୍ରରେ ବଡ଼ସିଂହାର ପୁଷ୍ପାଞ୍ଜଳି ହୋଇ ପହୁଡ଼ ପଡ଼ିଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

# ବଢୁଛି ସହର, ବଢୁନି ପ୍ରେକ୍ଷାଳୟ: ସାଂସ୍କୃତିକ ଅନୁଷ୍ଠାନ ପାଇଁ ଅଭାବ ପଡୁଛି ମଞ୍ଚ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜଧାନୀର ଭୁବନେଶ୍ୱରର କଳେବର ବଢୁଛି । ଭୌଗୋଳିକ ପରିସୀମା ସହ ଜନସଂଖ୍ୟା ମଧ ବଢୁଛି । ତେର ଲକ୍ଷରୁ ଅଧିକ ଲୋକଙ୍କୁ ମନୋରଂଜନର ଖୋରାକ ଯୋଗାଉଥିବା ପ୍ରେକ୍ଷାଳୟ ସଂଖ୍ୟା କିନ୍ତୁ ବଢୁନାହିଁ । ରାଜଧାନୀ ମୁଖ୍ୟଭାଗରେ ହାତ ଗଣତି କିଛି ପ୍ରେକ୍ଷାଳୟ ରହିଛି । ଏହାବାଦ୍ ରାଜଧାନୀର ଅନ୍ୟ ସ୍ଥାନରେ କଳାକାର କଳା ପ୍ରଦର୍ଶନ କରିବା ପାଇଁ ଭଲ ପ୍ରେକ୍ଷାଳୟ କରାଯାଇପାରିନାହିଁ । ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜଧାନୀ ଏକ ଉତ୍କୃଷ୍ଟ ସ୍ଥାନ । ଏଠି ୭ ଶହରୁ ଅଧିକ ସାଂସ୍କୃତିକ ଅନୁଷ୍ଠାନ ରହିଛି । ଏହି ଅନୁଷ୍ଠାନମାନେ ବର୍ଷକୁ ଅନ୍ତତଃ ଥରୁଟିଏ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ଏଥିସହ ନାଟକ, ସଂଗୀତ,



ନୃତ୍ୟ ଉତ୍ସବମାନ ଆୟୋଜିତ ହେଉଛି ।

ସରକାରୀସ୍ତରରେ ରବୀନ୍ଦ୍ରମଣ୍ଡପ, ଭଞ୍ଜକଳାମଣ୍ଡପ ଓ ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭିଡ଼ ଲାଗୁଛି । କିନ୍ତୁ ଏହି ସବୁ ସ୍ଥାନରେ ଏକକାଳୀନ ହଜାରେ ଲୋକ ବସିବାର ବ୍ୟବସ୍ଥା ନାହିଁ । ରବୀନ୍ଦ୍ରମଣ୍ଡପରେ ୮୦୦, ଭଞ୍ଜକଳାମଣ୍ଡପରେ ୪୦୦ ଓ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନରେ ମାତ୍ର ୨୦୦ ସିଟ୍ ରହିଛି । ଜୟଦେବଭବନ ଓ ଗୀତଗୋବିନ୍ଦସଦନ କେବଳ ସଭାସମିତି ପାଇଁ ଉଦ୍ଦିଷ୍ଟ । ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁନାହିଁ । କଳାମଣ୍ଡଳରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ୨ ହଜାର ବିଶିଷ୍ଟ ପ୍ରେକ୍ଷାଳୟ ତିଆରି ହେଉଛି । ଯାହା ସରିବାର ନାଁ ଧରୁନାହିଁ । ଭୁବନେଶ୍ୱର କଳେବର ପିପିଲି, ଜଟଣୀ, ଖୋର୍ଦ୍ଧା, ମେଣ୍ଢାଶାଳ, ତ୍ରିଶୁଳିଆ, ଫୁଲନଖରା, ବାରଙ୍ଗ ଯାଏ ମାଡ଼ିଗଲାଣି । ଏହି ସବୁ ଅଞ୍ଚଳରେ ରହୁଥିବା ଲୋକଙ୍କ ମନୋରଂଜନ ପାଇଁ କିନ୍ତୁ ସରକାର ପ୍ରେକ୍ଷାଳୟଟିଏ କରିପାରିନାହାନ୍ତି । କିଛି ଘରୋଇ ଶିକ୍ଷାନୁଷ୍ଠାନ ନିଜ ନିଜ କ୍ୟାମ୍ପସ୍‌ରେ ଉନ୍ନତମାନର ପ୍ରେକ୍ଷାଳୟ କରିଥିଲେ ବି ତାହାର ଦର ଉଚ୍ଚା ରହୁଥିବାରୁ ସେଠାରେ ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଆୟୋଜନ କରିବା ସମ୍ଭବ ହେଉ ନାହିଁ ।

ଏ ସମ୍ପର୍କରେ ଓଡ଼ିଶା ନାଟ୍ୟ ସଂଘର ସଂପାଦକ ଶୁଭକାନ୍ତ ପାଢ଼ୀ କହିଛନ୍ତି, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ଧଉଳି ଓ ରସୁଲଗଡ଼ ପଟରେ ଅନ୍ତତଃ ଗୋଟିଏ ଲେଖାଏ ପ୍ରେକ୍ଷାଳୟ କରିବାକୁ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲୁ । କିନ୍ତୁ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇନାହିଁ । ସେହିପରି 'ରଙ୍ଗମ୍' ନାଟ୍ୟାନୁଷ୍ଠାନର ମୁଖ୍ୟ ତଥା ନାଟ୍ୟ ନିର୍ଦ୍ଦେଶକ ଦର୍ପନାରାୟଣ ସେଠୀ କହିଛନ୍ତି, ଜନସଂଖ୍ୟା ବଢୁଛି । ଲୋକଙ୍କ ମନୋରଂଜନର ଆଗ୍ରହ ବି ବଢୁଛି । ତେଣୁ ରବୀନ୍ଦ୍ରମଣ୍ଡପ ଓ ଭଞ୍ଜକଳାମଣ୍ଡପ ନିକଟ ଅଞ୍ଚଳକୁ ଛାଡ଼ି ଦେଲେ ଅନ୍ୟ ଅଞ୍ଚଳର ଲୋକଙ୍କ ପାଇଁ ସରକାର ଚିନ୍ତା କରନ୍ତୁ । ରାଜଧାନୀରେ ସାଂସ୍କୃତିକ ଭାବଧାରା ପଛରେ ପଡ଼ିନଯାଉ ।

# ଲେବର କାର୍ଡ ବଣ୍ଟନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ



କେନ୍ଦୁଝର, ନ୍ୟୁଜ

ସର୍କିଟ ହାଉସ୍ କେନ୍ଦୁଝର ଠାରେ ମାନ୍ୟବର ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକଙ୍କ ଦ୍ୱାରା ଲେବର କାର୍ଡ ବିତରଣ କରାଯାଇଥିଲା । ଦୀର୍ଘ ଦିନରୁ ସେମାନେ ଲେବର କାର୍ଡ ପାଇବାରୁ ବଞ୍ଚିତ ହୋଇଥିଲେ ଯାହା ଫଳରେ ସେମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିଲେ । ଏହି ଲେବର କାର୍ଡ ପାଇବା ଦ୍ୱାରା ସେମାନେ ଖୁସି ପ୍ରକଟ କରିଥିଲେ । ଏଥିରେ ଆବଶ୍ୟକ ସାହାଯ୍ୟ ସୁବିଧା ସୁଯୋଗ ପାଇବେ ବୋଲି କହିଥିଲେ । ଉପସ୍ଥିତ ସ୍ୱତନ୍ତ୍ର ଅଭିଯୋଗ ଅଧିକାରୀ ଶରତ ଚନ୍ଦ୍ର ବାରିକ ଲେବର କାର୍ଡ ଦ୍ୱାରା ବିଭିନ୍ନ ସୁବିଧା ସୁଯୋଗ ପାଇବା ସମ୍ପର୍କରେ ବୁଝାଇଥିଲେ । ଏହି ଲେବର କାର୍ଡ ପାଇବା ଦ୍ୱାରା ସେମାନେ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି । ଏହି ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ସହକାରୀ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉଳ, ଉମ୍ପରୁ ଧରି ମହାନ୍ତ ଉପସ୍ଥିତ ଥାଇ ଆବଶ୍ୟକ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ବରପୁତ୍ରମାନଙ୍କ ସ୍ମୃତିରେ ଆଲୋଚନା ଚକ୍ର

ବାଲେଶ୍ୱର, ନ୍ୟୁଜ

ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଗୌରବମୟ ଐତିହ୍ୟକୁ ସମ୍ମାନ ଜଣାଇବା ସହ ରାଜ୍ୟର ମହାନ ସନ୍ତାନମାନଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ସଦର ମହକୁମା ସ୍ଥିତ ସଦଭାବନା ସଭାଗୃହରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନା ଚକ୍ର ଏବଂ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଡଃ ମଧୁସ୍ମିତା ସାମନ୍ତରାୟ, ଉପ-ଜିଲ୍ଲାପାଳ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ, ମାଲ୍ୟାର୍ପଣ ଓ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ଗାନ କରାଯାଇଥିଲା । ସ୍ୱାଗତ ସମ୍ଭାଷଣ ପରେ



ଓଡ଼ିଶାର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ପରବର୍ତ୍ତୀ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଂଯୋଜକ ଶିରିଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଓଡ଼ିଶାର ମହାନ ସନ୍ତାନମାନଙ୍କ ଜୀବନ ଓ କୃତି ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ବରେଣ୍ୟ ଅତିଥି ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ ଓ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ, ରେମୁଣାର ଉପଦେଷ୍ଟା ଭାଗବତ ପ୍ରସାଦ ଦାସ ପଣ୍ଡିତ ଶ୍ରୀଧର ସ୍ୱାମୀ ଓ ଶ୍ରୀ ବଳଦେବ ବିଦ୍ୟାଭୂଷଣଙ୍କ ଉପରେ ବକ୍ତବ୍ୟ ଦେଇଥିବା ବେଳେ ଗବେଷକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଉପରେ ବକ୍ତବ୍ୟ ଦେଇଥିଲେ । ସେହିଭଳି ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡଃ ସନ୍ତୋଷ କୁମାର ନାୟକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଉପରେ ବକ୍ତବ୍ୟ ଦେଇଥିଲେ, । ଅବସରପ୍ରାପ୍ତ ପ୍ରଫେସର ଡଃ ରବୀନ୍ଦ୍ର ବିହାରୀ କବିବର ରାଧାନାଥ ରାୟଙ୍କ ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ମନୋଜାୟନର ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ପଦ୍ମଭୂଷଣ ମନୋଜ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶେଷ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ଜିଲ୍ଲାର ୫୦ ଜଣ ବିଶିଷ୍ଟ କବି ଓ କବୟିତ୍ରୀ ନିଜର କବିତା ପାଠ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଅଭିଭାଷଣ ଦେଇଥିଲେ । କବିତା ଆସରକୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଂଯୋଜକ ସୁରଞ୍ଜନ ପାତ୍ର ସଂଚାଳନ କରିଥିବା ବେଳେ ଶ୍ରୀମତୀ ଜ୍ୟୋତ୍ସ୍ନାରାୟ ମହାପାତ୍ର ଓ ମଧୁସୂଦନ ମିଶ୍ର କବିତା ସଂଯୋଜନା କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଂଯୋଜକ ଚନ୍ଦ୍ରମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ପାଇଁ ଗଣ୍ଡଗୋଳ ନ କରିବାକୁ ଅପିଲ୍ କଲେ ଡିସିପି

କଟକ, ନ୍ୟୁଜ ବ୍ୟୁରୋ

ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ପାଇଁ କଟକରେ କମିଶନରେଟ୍ ପୋଲିସର ବ୍ୟାପକ ପ୍ରସ୍ତୁତି । କଟକ ସହରରେ ହନୁମାନ ଜୟନ୍ତୀ ଓ ହନୁମାନ ଧ୍ୱଜା ଶୋଭାଯାତ୍ରା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ଏ ନେଇ କଟକ ଡିସିପି ଋଷିକେଶ ଖିଲାରି ସୂଚନା ଦେଇଛନ୍ତି । ଏହାସହ ନିଶା ଦ୍ରବ୍ୟ ସେବନ କରି ରାସ୍ତାଘାଟରେ ଗଣ୍ଡଗୋଳ ନ କରିବାକୁ ଅପିଲ କରିଛନ୍ତି କଟକ ଡିସିପି । ହନୁମାନ ଜୟନ୍ତୀ ଓ ଶୋଭାଯାତ୍ରା ପାଇଁ ସହରର ସମସ୍ତ ଥାନାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିସିପି କହିଛନ୍ତି ।

# ୧୦୦୫ କିଲୋ ଗଞ୍ଜେଇ ଜବତ : ଜଣେ ଗିରଫ

କୋରାପୁଟ : ନ୍ୟୁଜ

ପାଡୁଆ ପୋଲିସକୁ ବଡ ସଫଳତା । ବିପୁଳ ପରିମାଣର ଗଞ୍ଜେଇ ଜବତ କରିବାରେ ସଫଳତା ମିଳିଛି ପୋଲିସକୁ । ପାଡୁଆ ଥାନା ଅନ୍ତର୍ଗତ ବୁଡିଂଗ ଠରୁ ରାଜସ୍ଥାନ ରାଜ୍ୟକୁ ଚୋରାଚାଲାଣ ସମୟରେ ପୋଲିସକୁ ମିଳିଛି ସଫଳତା । ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ସ୍ଥାନୀୟ ଆର୍‌ଏସ୍‌ଏସ୍ (ରାସ) ଅଫିସ୍ ନିକଟରେ ଏକ ଆଇଚର ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିବା ସମୟରେ ସେଥିରୁ ୧୦୦୫ କେଜି ଗଞ୍ଜେଇ ପୋଲିସ ଜବତ କରିଛି । ସୂଚନା ଅନୁସାରେ କୌଣସି ସୂତ୍ରରୁ ଖବର ପାଇ ପାଡୁଆ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ଆଇ ହିଂମାସୁ ଶେଖର ବେନିୟା ନିଜ ସହକର୍ମୀଙ୍କ ସହ ଉକ୍ତ ଗାଡିଟିକୁ ଯାଞ୍ଚ କରିବା ବେଳେ ସେହି ଟ୍ରକର ଡାଲା ଭିତରୁ ୧୦୦୫ କେଜି ଗଞ୍ଜେଇ ମିଳିଥିଲା । ଉକ୍ତ ଗଂଜେଇ ସହ ଗାଡିଟିକୁ ପୋଲିସ ଜବତ କରିଛି । ଏହି ଚୋରା ଚାଲାଣରେ ସଂପୃକ୍ତ ରାଜସ୍ଥାନ ଭିଲୱାରା ଜିଲ୍ଲା ବଦନାର୍ ଥାନା ଅଧୀନସ୍ଥ ଦେବି ସିଂ ନାମକ ଜଣେ ଟ୍ରକ ଡ୍ରାଇଭରକୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଅଭିଯୁକ୍ତମାନେ ଏହି ଗଞ୍ଜେଇ ସ୍ଥାନୀୟ ବୁଡିଙ୍ଗ୍ ଠାରୁ ରାଜସ୍ଥାନକୁ ବିକ୍ରି ଉଦ୍ଦେଶ୍ୟରେ ଚାଲାଣ କରୁଥିବା ପୋଲିସ୍ ସୂତ୍ରରୁ ଖବର ମିଳିଛି ।

# ରହଣି ଓଡ଼ିଶା, ଠିକଣା ଆନ୍ଧ୍ର ଡ଼ାକଘର

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ୮୯ ବର୍ଷ ବିତିଯାଇଥିବା ବେଳେ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ପାର୍ଶ୍ୱରେ ଥିବା ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍‌ର କେତେକ ଗ୍ରାମରେ ସ୍ଥିତି ଯଥା ପୂର୍ବ ତଥା ପରଂ ରହିଛି । ଏବେ ବି ଓଡ଼ିଶାରେ ରହୁଥିବା ଅଧିବାସୀମାନଙ୍କୁ ଆନ୍ଧ୍ର ଡ଼ାକଘର ଠିକଣାରେ ଚିଠିପତ୍ର ମିଳୁଛି । ବର୍ଷ ବର୍ଷ ଧରି ଏଭଳି ସ୍ଥିତି ଲାଗି ରହିଥିଲେ ମଧ ଏଥିରେ କୌଣସି ପରିବର୍ତନ ହୋଇପାରୁନାହିଁ । ଆନ୍ଧ୍ର ସୀମାନ୍ତରେ ପାତ୍ରପୁର ବ୍ଲକ୍ ବ୍ରାହ୍ମଣ ନୂଆଗାଁ ପଂଚାୟତର ଶବରଦେଇପେଟା ଏବଂ ଗୁଡ଼ିପଦର ପଂଚାୟତର ବଳରାମପୁର ଏବଂ ସି. ବଳରାମପୁର ରହିଛି । ଏହି ୩ ଗ୍ରାମର ଲୋକଙ୍କୁ ଆନ୍ଧ୍ର ଡ଼ାକଘର ଠିକଣାରେ ଡ଼ାକ ମିଳୁଛି । ପୂର୍ବରୁ ଓଡ଼ିଶାରୁ ଡ଼ାକ ସେବା ପାଉଥିବା ଆନ୍ଧ୍ରର ୫ ଗ୍ରାମର ଲୋକଙ୍କ ଡ଼ାକ ସେବାକୁ ଲୋକଙ୍କ



ଦାବି ପରେ ନିଜ ରାଜ୍ୟକୁ ପରିବର୍ତ୍ତନ ହୋଇଛି । କିନ୍ତୁ ଓଡ଼ିଶାର ୩ ଗ୍ରାମର ଠିକଣା ଡ଼ାକଘର ଏବେ ବି ଆନ୍ଧ୍ରପ୍ରଦେଶ ରହିଛି । ବି ନୂଆଗାଁ ଓ ଗୁଡ଼ିପଦର ପଂଚାୟତରେ ପୋଷ୍ଟ ଅଫିସ୍ ରହିଥିବା ବେଳେ ବି. ନୂଆଗାଁ ପଂଚାୟତର ସବରଦେଇପେଟା, ଗୁଡ଼ିପଦର ପଂଚାୟତର ଏସ୍. ବଳରାମପୁର ଏବଂ ବଳରାମପୁର ଗ୍ରାମର ଲୋକମାନଙ୍କ ବାରମ୍ବାର ଦାବି ସତ୍ତ୍ୱେ ପୋଷ୍ଟ ଠିକଣା ଓଡ଼ିଶାକୁ ପରିବର୍ତ୍ତନ ନ ହୋଇ ଆନ୍ଧ୍ର ଠିକଣାରେ ଡ଼ାକ ମିଳୁଛି । ବି. ନୂଆଗାଁ ପଂଚାୟତ ଶବରଦେଇ ପେଟା ଗ୍ରାମର ଲୋକମାନେ ଆନ୍ଧ୍ରର ଲୋଧାପୁଟି ଗ୍ରାମ ପୋଷ୍ଟ ଅଫିସ୍‌ରୁ ଡ଼ାକସେବା ପାଉଥିବା ବେଳେ ଗୁଡ଼ିପଦର ପଂଚାୟତ ବଳରାମପୁର ଏବଂ ଏସ୍. ବଳରାମପୁର ଗ୍ରାମର ଲୋକମାନେ ଆନ୍ଧ୍ରର ଧରମପୁର ଡ଼ାକଘରୁ ଡ଼ାକସେବା ପାଉଛନ୍ତି । ଓଡ଼ିଶାର ଏହି ତିନୋଟି ଗ୍ରାମର ବହୁ ଲୋକ ବିଦେଶ ଏବଂ ରାଜ୍ୟ ବାହାରେ ରହୁଥିବା ବେଳେ ଏଭଳି ସ୍ଥିତି ଯୋଗୁଁ ଗାଁରେ ଡ଼ାକ ମିଳିବାରେ ବିଳମ୍ବ ହେଉଛି । ସୀମାନ୍ତର କେତେକ ଗ୍ରାମରେ ଉଭୟ ଓଡ଼ିଶା ଓ ଆନ୍ଧ୍ରର ଲୋକମାନେ ବସବାସ କରୁଛନ୍ତି । ବୁରାତାଲ ପଂଚାୟତର ଗୁଡ଼ିଖଲା, ତୁମ୍ବା ପଂଚାୟତର କୁଲାଡ଼ି ଏବଂ ସାତପୁରୀ ଗ୍ରାମର ଲୋକଙ୍କୁ ଆନ୍ଧ୍ର ଏବଂ ଓଡ଼ିଶା ପୋଷ୍ଟ ଠିକଣାରେ ଚିଠିପତ୍ର ମିଳୁଥିବା ବେଳେ ଉଭୟ ରାଜ୍ୟର ପଡ଼ିକାର୍ଡ଼ରେ ବିଭିନ୍ନ ସହାୟତା ମିଳୁଛି । ଏହି ତିନୋଟି ଗ୍ରାମର ଲୋକଙ୍କ ପାଖରେ ଉଭୟ ରାଜ୍ୟର ଆଧାର ଓ ଭୋଟର ପରିଚୟପତ୍ର ରହିଛି । ପାତ୍ରପୁର ବ୍ଲକ୍ ବ୍ରାହ୍ମଣ ନୂଆଗାଁ ପଂଚାୟତ ଜୟପୁର ମୌଜାରେ ଥିବା ଟି ବ୍ରହ୍ମପୁର ଗ୍ରାମରେ ଓଡ଼ିଶା ଏବଂ ଆନ୍ଧ୍ରର ଲୋକମାନେ ବସବାସ କରନ୍ତି । ଟି. ବ୍ରହ୍ମପୁର ଗ୍ରାମରେ ଓଡ଼ିଶା ଲୋକଙ୍କ ଜନସଂଖ୍ୟା ତୁଳନାରେ ଆନ୍ଧ୍ରର କମ୍ ଜନସଂଖ୍ୟା ଥିବା ସତ୍ତ୍ୱେ ଆନ୍ଧ୍ର ସରକାର ଏହି ଗ୍ରାମରେ ନୂତନ ପଂଚାୟତ ପ୍ରତିଷ୍ଠା କରିଛନ୍ତି । ଗ୍ରାମର ଦକ୍ଷିଣ ଓ ଉତର ସାହିରେ ଓଡ଼ିଶାର ଲୋକମାନେ ବସବାସ କରୁଥିବା ବେଳେ ପୂର୍ବ ଓ ପଶ୍ଚିମ ସାହିରେ ଆନ୍ଧ୍ରର ଲୋକମାନେ ବସବାସ କରୁଛନ୍ତି । ଗ୍ରାମରେ ପିଲାଙ୍କ ପାଠ ପଢା ପାଇଁ ଉଭୟ ରାଜ୍ୟର ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ଗ୍ରାମରେ ଓଡ଼ିଶା ଲୋକଙ୍କ ମଧ୍ୟରୁ ଅଧିକାଂଶ ତେଲୁଗୁ ସମ୍ପ୍ରଦାୟର ହୋଇଥିବା ବେଳେ ପିଲାମାନେ ତେଲୁଗୁ ଶିକ୍ଷା ପାଇଁ ଆନ୍ଧ୍ର ବିଦ୍ୟାଳୟକୁ ଯାଉଛନ୍ତି । ସୀମାନ୍ତ ବହୁ ଗ୍ରାମରେ କିଛି ଲୋକଙ୍କ ପାଖରେ ଉଭୟ ରାଜ୍ୟର ପରିଚୟପତ୍ର ରହିଛି । ଓଡ଼ିଶାରେ ନୂତନ ସରକାର ଆସିବା ପରେ ପଡ଼ିକାର୍ଡ଼ ଯାଞ୍ଚ ବେଳେ ସୀମାନ୍ତ ଗ୍ରାମର ପ୍ରାୟ ଦୁଇ ଶହ ଲୋକଙ୍କ କାର୍ଡ଼ ଯାଂଚ୍ କରି କଟା ଯାଇଛି । ଏବେ ବି କିଛି ଲୋକଙ୍କ ପଡ଼ିକାର୍ଡ଼ ଯାଂଚ୍ ସରିନାହିଁ । ଗୁଡ଼ିପଦର ପଂଚାୟତର ସମସ୍ତ ଓଡ଼ିଆ ବିଦ୍ୟାଳୟ ବନ୍ଦ ହୋଇଥିବା ବେଳେ ଉକ୍ତ ପଂଚାୟତ ସହିତ ସୀମାନ୍ତରେ ବସବାସ କରୁଥିବା ତେଲୁଗୁ ପିଲା ତେଲୁଗୁ ଶିକ୍ଷା ପାଇଁ ଆନ୍ଧ୍ରର ବିଭିନ୍ନ ବିଦ୍ୟାଳୟକୁ ଚାଲିଯିବା ପରେ ୧୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ତାଲା ଝୁଲୁଛି । ଓଡ଼ିଆ ଅସ୍ମିତାକୁ ନୂତନ ସରକାର ପ୍ରାଧାନ୍ୟ ଦେଇ କାର୍ଯ୍ୟ ଆରମ୍ଭ କରିଥିବା କହୁଥିବା ବେଳେ ସୀମାନ୍ତ ଗ୍ରାମର ଡ଼ାକ ଓ ଶିକ୍ଷା ସମସ୍ୟାର ସମାଧାନ କଲେ ସୀମାନ୍ତ ଲୋକମାନେ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା





ବୌଦ୍ଧ, ନ୍ୟୁଜ ବ୍ୟୁରୋ


ବୌଦ୍ଧସ୍ଥିତ ଜିଲ୍ଲା ସଂଗ୍ରହାଳୟ ଠାରେ ଓଡିଆ ପକ୍ଷ ଅବସରରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ତଥା ହୀରାଂଚଳ ସଂପାଦକ ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡିବନ୍ଧୁ ମହାଖୁଡ ଅତିଥି ପରିଚ୍ୟ ପ୍ରଦାନ କରିଥିଲେ । ଇଂ ଡ. ସଂଜୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଜାନୀ ଓ ଜିଲ୍ଲା ସୂଚ୍ନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ ମଞ୍ଚାସୀନ ଥିଲେ । ଉଦଘାଟନୀ ସଭାପରେ ବନ୍ଦନୀୟ ବରପୁତ୍ରମାନଙ୍କ ଆଲୋଚ୍ନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବକ୍ତା ବୌଦ୍ଧ ଜିଲ୍ଲାର ସାରସ୍ୱତ ସାଧକ ତଥା ବରପୁତ୍ର ମାନଙ୍କ ସମ୍ପର୍କରେ ଆଲୋଚ୍ନା କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧୪।୪।୨୦୨୫, ବୈଶାଖ ଦି୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୦।୩୬ ଚନ୍ଦ୍ରୋଦୟ- ସଂଘ ୭।୧୫।୦୮**


**ପ୍ରତିପଦ-** ଦିଘ ୮।୨୫ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ରାଘ ୧୨।୧୩ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ଦିଘ ୮।୨୫ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଘ ୭।୦୬ ମଧ୍ୟେ । ଦିଘ ୧୦।୩୧ ଗତେ ଘ ୧।୦୨ ମଧ୍ୟେ । **ପର୍ବୋତ୍ସବ-** ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଉତ୍କଳୀୟ ନବ ବର୍ଷାରମ୍ଭ, ଡଃ. ଆମ୍ବେଦକର ଜୟନ୍ତୀ, ମେରୁ ଯାତ୍ରା ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।




**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।




**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ତନ ଲାଭ କରିବେ । ମନ ଅସ୍ଥିର ରହିବ ।




**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।




**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।




**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୫।୪।୨୦୨୫, ବୈଶାଖ ଦି୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୯।୪୯ ଚନ୍ଦ୍ରୋଦୟ- ରାଘ ୮।୦୮।୦୮**

**ଦ୍ୱିତୀୟା-** ଦିଘ ୧୦/୫୭ ପର୍ଯ୍ୟନ୍ତ । **ବିଶାଖାନକ୍ଷତ୍ର -** ରାଘ ୩/୧୦ ପର୍ଯ୍ୟନ୍ତ । **ତୁଳାଚନ୍ଦ୍ର-** ରାଘ ୮/୨୬ ପର୍ଯ୍ୟନ୍ତ । ଚନ୍ଦ୍ରଶୁଦ୍ଧି- ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-**ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ଦିଘ ୧୦/୫୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮/୪୦ ଗତେ ଘ ୧୦/୩୨ ମଧ୍ୟେ, ଦିଘ ୪/୨୮ ଗତେ ଘ ୫/୧୧ ମଧ୍ୟେ ।

**ପର୍ବୋତ୍ସବ-** ବଂଗୀୟ ନବ ବର୍ଷ ୧୪୩୨ ଆରମ୍ଭ ।

୬ ହକି ଚାମ୍ପିୟନସିପ୍: ମଧ୍ୟପ୍ରଦେଶ-ପଞ୍ଜାବ ଫାଇନାଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୭୬ ● ୧୪ ଅପ୍ରେଲ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-76 ● 14th April 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଓଡ଼ିଆ ନବବର୍ଷ କ୍ୟାଲେଣ୍ଡର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ପୁରୀ, ୧୩।୪
ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ନବବର୍ଷ ଅବସରରେ ପ୍ରକାଶ ପାଇଲା ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର । ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବା ବେଳେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହା ଲୋକାର୍ପିତ ହୋଇଛି । ସେହିପରି ପ୍ରଥମ ଥର ଲାଗି ପ୍ରକାଶିତ ଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକାର ମଧ୍ୟ ଲୋକାର୍ପଣ ହୋଇଛି । ଏହି ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତି ଠାରୁ ୨୦୨୬ ମସିହା ରାମାଭିଷେକ ନୀତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସଗୁଡିକର ସୂଚନା ଏହି



କ୍ୟାଲେଣ୍ଡରରେ ରହିଅଛି । ଶ୍ରୀମନ୍ଦିର ସେବକ ନିଯୋଗ ସହ ମୁକ୍ତିମଣ୍ଡପ ଏବଂ ରାଜ୍ୟର ପ୍ରମୁଖ ପାଞ୍ଜିକାରଙ୍କୁ ନେଇ ବିସ୍ତୃତ ଆଲୋଚନା ପରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ପର୍ବପର୍ବାଣି ତିଥିଗୁଡିକ ସ୍ଥିରୀକୃତ ହୋଇଅଛି। ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ସୂଚନା କେନ୍ଦ୍ରଗୁଡିକରେ ଏହି କ୍ୟାଲେଣ୍ଡର୍ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସକାଶେ କ୍ରୟ ପାଇଁ ଉପଲବ୍ଧ ହେବ । ଅନ୍ୟପଟେ ଓଡ଼ିଆ ନବବର୍ଷ ଅବସରରେ ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

## ଓଡ଼ିଶାରେ ଲାଗୁ ହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ,୨୦୨୪

ଭୁବନେଶ୍ୱର, ୧୩।୪
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଲାଗୁହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪। ରବିବାର ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଧେୟକ,୨୦୨୪କୁ ସ୍ୱୀକୃତି ପ୍ରଦାନ କରିବା ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪କୁ ଓଡ଼ିଶାରେ ଲାଗୁ କରାଯାଇଛି। ବିଗତ ଏପ୍ରିଲ ୨ ତାରିଖରେ ବିଧାନସଭାରେ ରାତି ତମାମ ଆଲୋଚନା ହେବା ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ), ବିଧେୟକକୁ ବିଧାନସଭାରେ ପାରିତ କରାଯାଇଥିଲା। ଏହି ବିଧେୟକ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବା ପରେ ରବିବାରଠାରୁ ସାରା ରାଜ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ,୨୦୨୪ ଲାଗୁହୋଇଛି। ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏଥିସହ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ,୨୦୨୪ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। 'ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଧେୟକ -୨୦୨୪କୁ ବିଧାନସଭାରେ ପାରିତ କରାଯାଇଥିଲା । ଆଜି ଏହି ବିଧେୟକକୁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କ ସ୍ୱୀକୃତି ମିଳିବା ପରେ ସାରା ଓଡ଼ିଶାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଲାଗୁ ହୋଇଛି। ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହୋଇଛି। ଏହି ଅଧିନିୟମ ଦ୍ୱାରା ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ସୁନିଶ୍ଚିତ ହେବା ସହିତ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକୁ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ସରଳୀକରଣ ଓ ତ୍ୱରାନ୍ୱିତ କରାଯାଇପାରିବ। ଏଥିସହିତ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ପୁନଃ-ଅନ୍ତର୍ଭୁକ୍ତିକରଣ, ଅଧ୍ୟାପକ ଓ କୁଳପତି ଚୟନରେ ସରକାରୀ ହସ୍ତକ୍ଷେପକୁ ହ୍ରାସ କରାଯାଇପାରିଛି। ରାଜ୍ୟରେ ମୋଟ ନାମଲେଖା ଅନୁପାତ ବଢ଼ାଇବା ନିମନ୍ତେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଦୂରଶିକ୍ଷା ବ୍ୟବସ୍ଥା ପ୍ରଣୟନ କରିବା, ବିଶ୍ୱବିଦ୍ୟାଳୟର ଆର୍ଥିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅର୍ଥ କମିଟିର ଗଠନ ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କୋଠାବାଡ଼ି ଓ ନିର୍ମାଣ କମିଟି ଗଠନର ପ୍ରସ୍ତାବ, ଶିକ୍ଷାନୁଷ୍ଠାନମାନଙ୍କରେ ବିଶ୍ୱସ୍ତରୀୟ ଗବେଷଣା ଓ ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହନ ଦେବା ସହିତ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଜ୍ଞାନ ଭିତ୍ତିକ ଅର୍ଥନୀତିର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

## ଚିହ୍ନଟ ହେଲେ ଏନକାଉଣ୍ଟରରେ ନିହତ ତିନି ନକ୍ସଲ

ମାଲକାନଗିରି, ୧୩।୪
ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଶନିବାର ହୋଇଥିବା ଏନକାଉଣ୍ଟରର ବିସ୍ତୃତ ବିବରଣୀ ରବିବାର ଜିଲ୍ଲା ପୁଲିସ ତରଫରୁ ପ୍ରଦାନ କରାଯାଇଛି । ମୃତ୍ୟୁବରଣ କରିଥିବା ୩ ଜଣ ନକ୍ସଲଙ୍କର ଶବ ଚିହ୍ନଟ ହୋଇଛି। ଏମାନେ ହେଲେ ମାଟାବାଡା ଏଲଓସି କମାଣ୍ଡର ଅନିଲ ପୁନେମ। ଅନିଲ ନାମରେ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସେହିପରି ଅନ୍ୟ ଦୁଇ ଜଣ ହେଲେ ଏଲଓସି *(ପୃଷ୍ଠା ୭ରେ)*

## ଟ୍ରମ୍ପଙ୍କ ଆଗରେ ନଇଁଲା ଚୀନ୍

ବେଜିଂ, ୧୩।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧକୁ ନେଇ ଦୁଇ ମହାଶକ୍ତି ଆମେରିକା ଏବଂ ଚୀନ ମୁହାଁମୁହିଁ ହୋଇଛନ୍ତି। ଚୀନ ପ୍ରଥମେ ଏଥିରେ କଠୋର ମନୋଭାବ ଦେଖାଇଥିଲା, କିନ୍ତୁ ଧୀରେ ଧୀରେ ଏହାର ମନୋଭାବ ନରମ ହେଉଛି। ସଦ୍ୟତମ ଘଟଣାକ୍ରମରେ, ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ରବିବାର ଆମେରିକାକୁ ପାରସ୍ପରିକ ଶୁଳ୍କକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ନିବେଦନ କରିଛି।

ଆମେ ଆମେରିକାକୁ ତା'ର ଭୁଲ ସଂଶୋଧନ କରିବା ପାଇଁ ଏକ ବଡ଼



ପଦକ୍ଷେପ ନେବାକୁ, ପାରସ୍ପରିକ ଶୁଳ୍କର ଭୁଲ ଅଭ୍ୟାସକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଏବଂ ପାରସ୍ପରିକ ସମ୍ମାନର ସଠିକ ପଥକୁ ଫେରିବାକୁ ଅନୁରୋଧ କରୁଛୁ, ଗଣମାଧ୍ୟମକୁ ଚୀନ ସରକାରଙ୍କ ମୁଖପାତ୍ର କହିଛନ୍ତି ପୂର୍ବରୁ ଶନିବାର ରାଷ୍ଟ୍ରପତି *(ପୃଷ୍ଠା ୭ରେ)*

## ହରିଆନା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୪

ଆମ୍ବେଦକର ଜୟନ୍ତୀ ଅବସରରେ ଏପ୍ରିଲ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିଆନା ଗସ୍ତରେ ଯିବେ । ହରିଆନାରେ ସେ ସର୍ବପ୍ରଥମେ ହିସାର ଯିବେ ଏବଂ ପୂର୍ବାହ୍ନ ପ୍ରାୟ ୧୦ଟା ୧୫ ମିନିଟରେ ହିସାରରୁ ଅଯୋଧ୍ୟା ପର୍ଯ୍ୟନ୍ତ ବାଣିଜ୍ୟିକ ବିମାନ ଉଡ଼ାଣର ଶୁଭାରମ୍ଭ କରିବେ । ଏଥିସହ ସେ ହିସାର ବିମାନବନ୍ଦରରେ ନୂଆ ଟର୍ମିନାଲ ଭବନର ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ହିସାରରେ ଏକ ଜନସଭାକୁ ସମ୍ବୋଧିତ କରିବେ ।


ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟରେ ପ୍ରଧାନମନ୍ତ୍ରୀ ଯମୁନାନଗରରେ



ବିକାଶ ପରିଯୋଜନାର ଉଦଘାଟନ ଏବଂ ଶିଳାନ୍ୟାସ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଉପସ୍ଥିତ ଜନସମାବେଶକୁ ସମ୍ବୋଧିତ କରିବେ ।

ବିମାନ ଉଡ଼ାଣକୁ ସୁରକ୍ଷିତ, ସର୍ବ-ସୁଲଭ ଏବଂ ସାମର୍ଥ୍ୟଯୁକ୍ତ କରିବା ଦିଗରେ ପ୍ରତିବଦ୍ଧତା ସ୍ୱରୂପ ପ୍ରଧାନମନ୍ତ୍ରୀ ହିସାରସ୍ଥିତ ମହାରାଜା ଅଗ୍ରସେନ ବିମାନବନ୍ଦରର ନୂଆ ଟର୍ମିନାଲ ଭବନର ଶିଳାନ୍ୟାସ କରିବେ । ଏଥିପାଇଁ ୪୧୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ ହୋଇଛି । ଏଥିରେ ଏକ ଅତ୍ୟାଧୁନିକ ଯାତ୍ରୀ ଟର୍ମିନାଲ, ଏକ କାର୍ଗୋ ଟର୍ମିନାଲ ଏବଂ ଏକ ଏଟିସି ଭବନ ରହିବ । ପ୍ରଧାନମନ୍ତ୍ରୀ ହିସାରରୁ ଅଯୋଧ୍ୟାକୁ ପ୍ରଥମ ବିମାନ ଉଡ଼ାଣର ଶୁଭାରମ୍ଭ କରିବେ । ହିସାରରୁ ଅଯୋଧ୍ୟାକୁ (ସପ୍ତାହକୁ ଦୁଇଥର) ନିର୍ଦ୍ଧାରିତ ଉଡ଼ାଣ ସହ ଜମ୍ମୁ, ଅହମ୍ମଦାବାଦ, ଜୟପୁର ଏବଂ ଚଣ୍ଡିଗଡ଼କୁ ସପ୍ତାହକୁ ତିନି ଥର ଉଡ଼ାଣ ସାମିଲ ହେବ । ଏହାଦ୍ୱାରା ହରିଆନାରେ ଆକାଶ ପଥରେ ସଂଯୋଗକୁ ଏକ ବଡ଼ ଉପଲବ୍ଧି ମିଳିବ । ବିଜୁଳି କ୍ଷେତ୍ରରେ ମୌଳିକ ଢାଞ୍ଚାକୁ ବଢ଼ାଇବା ସହ ସର୍ବଶେଷ *(ପୃଷ୍ଠା ୭ରେ)*



31 YEARS
ସମ୍ବାଦ କଳିକା

# ଭାରତରେ ସର୍ବାଧିକ ଅଭିବୃଦ୍ଧି ହେବ ରିଟେଲ ସେକ୍ଟର

ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି । ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ । ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା । ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି । ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକାତା ବୁଝିବାର ଆବଶ୍ୟକତା ରହିଛି । ଭାରତ ଏବଂ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ । ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଆଧାର କରି ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି କରିଛି । କୋଭିଡ-୧୯ ମହାମାରୀ ସମୟ ବ୍ୟତୀତ ଭାରତର ଗ୍ରାହକ ଅଭିବୃଦ୍ଧି ଧାରା ଭଲ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ରିଟେଲ ସେକ୍ଟର ୨୦୨୪-୩୪ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କରିବାକୁ ଯାଉଛି । ୨୦୨୪ ସୁଦ୍ଧା ଏହା ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରିଟେଲ ସେକ୍ଟର ବି ଡେଭଲପ ହେଉଛି । କିନ୍ତୁ ଏହି ଅଭିବୃଦ୍ଧି ଜାରି ରହିବ କି ନାହିଁ ତାହା ଏକାଧିକ କାରଣ ଉପର ନିର୍ଭର କରୁଛି । ବର୍ଦ୍ଧିତ ଜନସଂଖ୍ୟା ସହିତ ଲୋକଙ୍କ ଆଚରଣରେ ଏବେ ପରିବର୍ତ୍ତନ ଆସିଛି । ଗ୍ରାହକମାନେ ନୂଆ ଜିନିଷ କିଣିବା ବିଷୟରେ ପୂର୍ବାପେକ୍ଷା ଅଧିକ ସଚେତନ ଅଛନ୍ତି । ଏହା ସହିତ, ମହିଳା କର୍ମଚାରୀଙ୍କ ପରିସର ବୃଦ୍ଧି ପାଇବା ସହିତ, କିଣିବା ପ୍ରତି ଇଚ୍ଛା ବଢୁଛି । ମୋଟାମୋଟି କହିବାକୁ ଗଲେ ଆସନ୍ତା ଦିନମାନଙ୍କରେ ଯେତିକି ସୁଯୋଗ ଅଛି, ସେତିକି ଚ୍ୟାଲେଞ୍ଜ ମଧ୍ୟ ରହିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ଊନବିଂଶ ଶତାବ୍ଦୀ ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ଓ ଭାଷା ସୁରକ୍ଷା ଆନ୍ଦୋଳନ (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

**(ପୂର୍ବ ପ୍ରକାଶନ ଉତ୍ତାରୁ)**

୧୮୨୨ ଖ୍ରୀ.ଅ. । ଷ୍ଟର୍ଲିଂ ସାହେବ, ଓଡ଼ିଶାର ଜାତୀୟ ଚରିତ୍ରକୁ ଆକ୍ଷେପ କଲେ । ସେମାନେ ଅଜ୍ଞ, ପୌରୁଷହୀନ, ନିର୍ବୋଧ, ମୂର୍ଖ, ଅଯୋଗ୍ୟ - ଏକଥା କହିଲେ । ଷ୍ଟର୍ଲିଂଙ୍କର ଏତାଦୃଶ ଯୁକ୍ତି ପ୍ରମାଦପୂର୍ଣ୍ଣ । ତାହା କ୍ରମେ ପ୍ରମାଣିତ ହେବାରେ ଲାଗିଲା । ୧୮୭୦ ମସିହା, ବାଲେଶ୍ୱର ଟାଉନ୍ ଡେପୁଟି ଇନ୍‌ସପେକ୍ଟର । ବଙ୍ଗଳା ଭାଷା ସପକ୍ଷ ଯୁକ୍ତି କରୁଥିଲେ । ତାଙ୍କୁ ସ୍ଥାନାନ୍ତର କରିବାରେ ଜନସାଧାରଣ ସଫଳ ହେଲେ । ବେଙ୍ଗଲ ଡି.ପି.ଆଇ ଆର୍କଟିସନ୍‌ଙ୍କର ବଙ୍ଗଳା ସପକ୍ଷ ନୀତି । ଆସିଥିଲେ ଓଡ଼ିଶା ପରିଦର୍ଶନରେ, ତୀବ୍ର ବିରୋଧର ସମ୍ମୁଖୀନ ହେଲେ । ଓଡ଼ିଆଏ ତାଙ୍କୁ 'କଳାପାହାଡ଼' ଆଖ୍ୟା ଦେଲେ ।

ଓଡ଼ିଶାର ସ୍ଥାୟୀ ବାସିନ୍ଦା ଉଦାରଚେତା ବଙ୍ଗାଳୀଏ । ଓଡ଼ିଆ ଭାଷା ସପକ୍ଷରେ । ଅନ୍ୟ ନ୍ୟସ୍ତସ୍ୱାର୍ଥ ସର୍ବସ୍ୱ ବଙ୍ଗାଳୀଙ୍କ ଭାଷାବିରୋଧୀ ହୀନଚକ୍ରାନ୍ତ । ଏମାନେ ବିରୋଧ କଲେ । ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ କର୍ମବୀର ଗୌରୀଶଙ୍କର ରାୟ । 'ଉତ୍କଳଦୀପିକା'ରେ ତାଙ୍କର ବହୁ ଉପାଦେୟ ଲେଖା । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନକୁ ଶକ୍ତି ଯୋଗାଇଲା । ବଙ୍ଗଳାର ବିଶିଷ୍ଟ ଲେଖକ ଭୂଦେବ ବନ୍ଦୋପାଧ୍ୟାୟ । ଓଡ଼ିଆମାନଙ୍କ ଦାବିକୁ ମୁକ୍ତକଣ୍ଠରେ ସ୍ୱୀକାର କଲେ । ଏମାନଙ୍କ ସହ ପ୍ୟାରିମୋହନ ଆଚାର୍ଯ୍ୟ, ରାଜା ବୈକୁଣ୍ଠନାଥ ଦେ - ଓଡ଼ିଶା ସେମାନଙ୍କର ଆପଣାର । ଓଡ଼ିଆ ଭାଷାର ଉତ୍କର୍ଷ ପ୍ରତିପାଦନରେ ଏମାନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସେନାପତି ବ୍ୟାସକବି ଫକୀରମୋହନ ସେନାପତି । ଓଡ଼ିଆ ଭାଷା ସାହିତ୍ୟ ନୁହେଁ, ସେ ଓଡ଼ିଆ ଜାତିର ତ୍ରାଣକର୍ତ୍ତା । ସେତେବେଳେ ପ୍ରକାଶିତ 'ସମ୍ବାଦ ବାହିକା' । ଏଥିରେ ତାଙ୍କର ବହୁ ତାତ୍ତ୍ୱିକ ପ୍ରବନ୍ଧମାନ, ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନରେ ସହାୟକ ହେଲା । ଶେଷରେ ଫକୀର ମୋହନଙ୍କ ଅମୋଘ ଅସ୍ତ୍ର ଫଳବତୀ ହେଲା । ସେଦିନ କଚେରି ବନ୍ଦ । ସବୁ ଅମଲାମାନେ ଏକଜୁଟ । ଫକୀର ମୋହନଙ୍କର ଉପଯୋଗୀ ଭାଷଣ । ସ୍କୁଲରେ ଓଡ଼ିଆଭାଷା ପରିବର୍ତ୍ତେ ବଙ୍ଗଳାଭାଷା ପ୍ରଚଳନ । ଏ ସରକାରୀ ଆଦେଶ ନୁହେଁ, ବଙ୍ଗାଳୀଙ୍କ ଚକ୍ରାନ୍ତ । ପାର୍ସୀ ଉଠିଲା, ଓଡ଼ିଶାରେ ବଙ୍ଗାଳୀମାନେ କିରାଣି, ଓଡ଼ିଆ ଉଠିବ, ବଙ୍ଗାଳୀଙ୍କ ପୁଅ, ଭାଇ, ଜ୍ଞାତି, କୁଟୁମ୍ବ ଅମଲା ହେବେ । ଏଣିକି ଓଡ଼ିଆଙ୍କ ପୁଅନାତି ଚାକିରିରୁ ବଞ୍ଚିତ ହେବେ । ଫକୀର ମୋହନଙ୍କ ଭାଷଣରେ ଏହା ସାରାଂଶ । ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତଟିଏ ନିଆଗଲା, ଦରଖାସ୍ତଟିଏ ଲେଖାହେଲା । ଉପସ୍ଥିତ ସମସ୍ତ କର୍ମଚାରୀ, ଜାତିହିତୈଷୀମାନେ; ଏଥିରେ ସ୍ୱାକ୍ଷର କଲେ । ଦରଖାସ୍ତ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ଛାପାଖାନାଟିଏ ସ୍ଥାପନ ପାଇଁ ଫକୀର ମୋହନ ସିଦ୍ଧାନ୍ତ ନେଲେ ।

ଫକୀର ମୋହନଙ୍କ ବନ୍ଧୁ କିଶୋରୀ ମୋହନ ଦାସ । ହାତଉଧାରି ଆଠଶହ ଟଙ୍କା ତାଙ୍କଠାରୁ ଆଣିଲେ । ସୁପର ରଏଲ ପ୍ରେସ୍ କଲିକତାରୁ ଅଣାଗଲା । ପ୍ରେସ୍ କମ୍ପାନୀର ନାମ 'ପି.ଏମ୍. ସେନାପତି ଏଣ୍ଡ କୋ' । ତାଙ୍କ ବଡ଼ବାପାଙ୍କ ବାଲେଶ୍ୱର ମୋତିଗଞ୍ଜ ବଜାର ମଧ୍ୟରେ ଘରଟିଏ । ଭଡ଼ାରେ ଅଣାଗଲା । ଏହାପୂର୍ବର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଲ୍ଲେଖଯୋଗ୍ୟ । ମେଦିନାପୁରରୁ ଏକ ପୁରୁଣା ଛାପାଖାନା । ଫକୀରମୋହନ ମିଶନାରୀମାନଙ୍କ ଠାରୁ କିଣିଲେ । ହଜାର ହଜାର ଦର୍ଶକ; ମାତ୍ର ପ୍ରେସ୍ କାମ କଲାନି । ଦର୍ଶକଙ୍କ ଭର୍ତ୍ସନା, ଫକୀରମୋହନ ମୁଣ୍ଡପାତି ସହିଲେ । ପରେ ପ୍ରେସ୍ ସ୍ଥାପନାର ସଫଳ କାର୍ଯ୍ୟକାରିତା । ଫକୀର ମୋହନ ପ୍ରଶଂସାର ପାତ୍ର ହେଲେ । ଏପରିକି ବିଗ୍ ନୋଡେଲ, ବିମ୍‌ସ ସାହେବ, କମିଶନର ଟି. ରେଭେନ୍‌ସା । ଏମାନେ ବିଭିନ୍ନ ସମୟରେ ପ୍ରେସ୍ ପରିଦର୍ଶନରେ ଆସିଲେ । ଫକୀରମୋହନଙ୍କ ସଫଳତା ପାଇଁ ବଧାଇ ଦେଲେ । ଓଡ଼ିଆ ସାହିତ୍ୟ ଅଭିବୃଦ୍ଧି, ସୁରକ୍ଷା ତଥା ବହୁଳ ପ୍ରସାର ପ୍ରଚାର - ଏ ଦିଗରେ ବାଲେଶ୍ୱରରେ ପ୍ରେସ୍ ସ୍ଥାପନା ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ।

ବାଲେଶ୍ୱରରେ ପ୍ରେସ୍ କମ୍ପାନୀ ସ୍ଥାପିତ (୧୮୬୮) । ସେତେବେଳକୁ ଓଡ଼ିଆ ଭାଷା ଘୋର ସଙ୍କଟରେ । ଫକୀରମୋହନଙ୍କ ଶେଷ ପ୍ରଚେଷ୍ଟା । ସ୍ୱାକ୍ଷର ହୋଇଥିବା ଦରଖାସ୍ତ । ଜନ ବୀମ୍‌ସଙ୍କ ମାଧ୍ୟମରେ ରେଭେନ୍‌ସା ସାହେବଙ୍କ ନିକଟକୁ ପଠାଗଲା । ମହତ ଉଦ୍ଦେଶ୍ୟର ସୁଫଳ ମିଳେ । ତାହାହିଁ ହେଲା । ସୌଭାଗ୍ୟକୁ ସେବେକା ବାଲେଶ୍ୱର କଲେକ୍ଟର ବିଶିଷ୍ଟ ଭାଷାବିତ୍ ପଣ୍ଡିତ ବୀମ୍‌ସ ସାହେବ । ଓଡ଼ିଆ ଭାଷା ପ୍ରାଚୀନ, ଏହି ଭାଷାରେ ରସକଲ୍ଲୋଳ ପରି ବହୁ ରସାଳ ସୃଷ୍ଟି ପରିଦୃଷ୍ଟ - ଏ ମର୍ମରେ ଖଣ୍ଡେ ଇଂରାଜୀ ପୁସ୍ତିକା ରଚନା କଲେ । ଏଥି ସହିତ ଦରଖାସ୍ତଟିକୁ କମିଶନଙ୍କର ନିକଟକୁ ସୁପାରିଶ କଲେ । ଉତ୍କଳର କମିଶନର ଟି. ରେଭେନ୍‌ସା ସାହେବ । ଅନୁକୂଳ ଯୁକ୍ତିସହ ଦରଖାସ୍ତକୁ ଗଭର୍ଣ୍ଣମେଣ୍ଟଙ୍କୁ ପଠାଇଲେ । ଆସିଲା ଆଦେଶନାମା । ଓଡ଼ିଶାର ସମସ୍ତ ସ୍କୁଲରେ ବଙ୍ଗଳା ଭାଷାର ସମ୍ପୂର୍ଣ୍ଣ ଉଚ୍ଛେଦ, ଉତ୍କଳ ଭାଷାର ପ୍ରସାର ପାଇଁ ସ୍କୁଲମାନ ସ୍ଥାପନ - ଏ ଥିଲା ଆଦେଶନାମାର ସାରାଂଶ । ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ତ ହେଲା (୧୮୭୦) ।

ପାଠ୍ୟପୁସ୍ତକ ରଚନା, ପର୍ଯ୍ୟାପ୍ତ ସାହିତ୍ୟ ସୃଷ୍ଟି । ମନୋନିବେଶ କଲେ ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ । ରାଧା-ମଧୁ-ଫକୀର - ଏମାନେ ଓଡ଼ିଆ ସାହିତ୍ୟର ଗଙ୍ଗା, ଯମୁନା, ସରସ୍ୱତୀ । କର୍ମବୀର ଗୌରୀଶଙ୍କର, ପ୍ୟାରିମୋହନ ଆଚାର୍ଯ୍ୟ, ବୈକୁଣ୍ଠନାଥ ଦେ, ତାଙ୍କ ସହ ଆଉ କେତେକ ଉଦରବାଦୀ ବଙ୍ଗବାସୀ । ଏମାନେ ଚିରସ୍ମରଣୀୟ ।

ପ୍ରଥମ ପର୍ଯ୍ୟାୟ ଓଡ଼ିଆ ଜାତିୟତାବାଦ, ଏହା ଓଡ଼ିଆ ଭାଷା, ସାହିତ୍ୟ ଭିତ୍ତିକ । ଏହାର ସଫଳତା, ସେଇ ଭାଷାର ପ୍ରଚାର, ପ୍ରସାର ଉପରେ ନିର୍ଭରଶୀଳ । ସଚେତନ ମା-ମାଟି-ଭାଷାପ୍ରେମୀ ଓଡ଼ିଆ ଭାଷାକୁ ସୁରକ୍ଷା ଦେଲେ । ୧୮୭୦ ମସିହା, ସୃଷ୍ଟି ହେଲେ ଏକ ଜାତୀୟତାବାଦୀ ଯୁବଗୋଷ୍ଠୀ । ଭାଷାକୁ ନେଇ ଓଡ଼ିଆ ବଙ୍ଗାଳୀଙ୍କ ମଧ୍ୟରେ ଥିବା ତିକ୍ତତାର ଏହା ଅମୃତମୟ ଫଳ । ଓଡ଼ିଆ ଭାଷା ଭିତ୍ତିରେ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ । ଏ ଦିଗରେ ଉଦ୍ୟମର ଅୟମାରମ୍ଭ । ଗଞ୍ଜାମରେ ତେଲୁଗୁ ଭାଷାକୁ ବିରୋଧ କରାଗଲା । ୧୮୭୦, ସେପ୍ଟେମ୍ବର ମାସ, ରସେଲ କୋଣ୍ଡା (ବର୍ତ୍ତମାନ ଭଞ୍ଜନଗର) ଠାରେ ଅନୁଷ୍ଠିତ ସଭାଟିଏ । ଏହି ସଭାରେ ଓଡ଼ିଶା ଡିଭିଜନ୍‌ର ଓଡ଼ିଆମାନଙ୍କୁ ଆହ୍ୱାନ କରାଗଲା । ଉଦ୍ଦେଶ୍ୟ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ । ଏଥିରେ ଅନୁପ୍ରାଣିତ ବାଲେଶ୍ୱରର ଜଣେ ଜମିଦାର ଶ୍ୟାମାନନ୍ଦ ଦେ । ଓଡ଼ିଆଭାଷୀ ଅଞ୍ଚଳକୁ ଏକ କରାଯାଉ, ଏ ମର୍ମରେ ସରକାରଙ୍କ ଠାରେ ଅର୍ଜି ଦାଖଲ କଲେ (୧୮୭୫) ।

ଓଡ଼ିଶା ସେମାନଙ୍କ ଦେଶ, ଓଡ଼ିଆମାନେ ଚାକିରି ପାଇବେ । ସେମାନଙ୍କର ଭାଷାର ଉନ୍ନତି ହେବ । ଏ ପ୍ରକାର ସ୍ୱର, କ୍ରମେ ତୀବ୍ରତର ହେଲା । ଓଡ଼ିଆ ଭାଷାର ସରକାରୀ ସ୍ୱୀକୃତି, ତଥା ସ୍ୱାତନ୍ତ୍ର୍ୟ; ଉତ୍ସାହିତ ହେଲେ ଶିକ୍ଷିତ ଯୁବଗୋଷ୍ଠୀ । ୧୮୦୩ ମସିହା, ଇଂରେଜମାନଙ୍କ ଦ୍ୱାରା ଅଧିକୃତ ଓଡ଼ିଶା । ମୁଖ୍ୟତଃ କଟକ, ପୁରୀ, ବାଲେଶ୍ୱର ଜିଲ୍ଲା ସମନ୍ୱିତ କେତେକ ଅଞ୍ଚଳ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ, ଆରମ୍ଭ ହେଲା ଆନ୍ଦୋଳନ । ୧୮୫୫ ସାଲ, ହେନେରି ରିକେଟସ୍ । ଖଡ଼ିଆଳ, ବିନ୍ଦ୍ରାନୂଆଗଡ଼, ଫୁଲଝର, ସୋରେନଗଡ଼, ପାଟଣା, ବୋଡ଼ାସମ୍ବର; ଏଥି ସହିତ ସମ୍ବଲପୁର, ରେଢ଼ାଖୋଲ - ଏସବୁ ଅଞ୍ଚଳ ଓଡ଼ିଶା ସହ ମିଶିବା ଉଚିତ୍ । ଏହି ମତ ଦେଲେ, ବିଭିନ୍ନ ସମୟରେ ଓଡ଼ିଶା, ପଣ୍ୟଦ୍ରବ୍ୟ ପରି ହସ୍ତାନ୍ତରିତ ହୋଇଥିଲା । ଏହାର ଗଡ଼ଜାତ ଷ୍ଟେଟ୍‌ର ମଧ୍ୟ ସମଦଶା । ବିଭିନ୍ନ ସମୟରେ ବିଭିନ୍ନ ଷ୍ଟେଟ୍‌ର ସଂଖ୍ୟାଲଘୁ ଓଡ଼ିଆ, ସେମାନଙ୍କର ପରିଚୟ ବିଲୁପ୍ତ ପ୍ରାୟ ସେମାନଙ୍କର ଉନ୍ନତି ବାଧାପ୍ରାପ୍ତ ହେଲା ।

ଊନବିଂଶ ଶତାବ୍ଦୀ, ବାଲେଶ୍ୱର, ପୁରୀ, ଗଞ୍ଜାମ ଜିଲ୍ଲା; ବିଭିନ୍ନ ସଂଗଠନ ଗଢ଼ି ଉଠିଲା । ବାଲେଶ୍ୱର ନାସନାଲ ସୋସାଇଟି (୧୮୭୦), ଗଞ୍ଜାମ ଉତ୍କଳ ହିତବାଦିନୀ ସଭା (୧୮୭୨), ବାଲେଶ୍ୱର ସଭା (୧୮୭୫) ଗଠିତ ହେଲା । ବିଭିନ୍ନ ସମ୍ପ୍ରଦାୟର ସ୍ୱାର୍ଥରକ୍ଷା ଏହାର ମୂଳଲକ୍ଷ୍ୟ । ଗୋଷ୍ଠୀଗତ ଉନ୍ନତି ସହିତ, ଜାତି, ଧର୍ମ, ସାମାଜିକ ଅନୁଷ୍ଠାନ - ଏସବୁକୁ ସଂଗଠିତ କରିବା, ସେଇସବୁ ଅନୁଷ୍ଠାନର ଆଭିମୁଖ୍ୟ । ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧି । ଏହି ସମୟସୀମା ଓଡ଼ିଶା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ମୁଣ୍ଡ ଟେକିଲା ଓଡ଼ିଶା ସଭା, ଶେଷରେ ନାଁ ରହିଲା ଉତ୍କଳ ସମ୍ମିଳନୀ (୧୯୦୩) । ଉତ୍କଳ ସମ୍ମିଳନୀର କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସ । ତାଙ୍କ ସହ ସାମିଲ ହେଲେ ଉତ୍କଳମଣି ଗୋପବନ୍ଧୁ ଦାସ । ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଲେ (୧୯୨୦) । ଉତ୍କଳ ସମ୍ମିଳନୀ ସହ ତାଙ୍କର ସମ୍ପର୍କ ବିଚ୍ଛିନ୍ନ । ମଧୁବାବୁଙ୍କ ସହ କନିକାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ରଜସୁନ୍ଦର ଦାସ, ଆହୁରି ଅନେକ - ଏମାନେ ଓଡ଼ିଶା ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ ବ୍ରତୀ ହେଲେ । ପ୍ରକାଶ ଥାଉକି, ଉତ୍କଳ ସମ୍ମିଳନୀର ଅନ୍ତୁଡ଼ିଶାଳ କନିକା କୋଠି । ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓଙ୍କର ବହୁ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ । ଏଥିରେ ତିରିଶି ଜଣ ରାଜା, ଜମିଦାର, ଓଡ଼ିଶା ଡିଭିଜନର ଉଚ୍ଚପଦାଧିକାରୀ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମାନେ । ସେମାନଙ୍କ ସହ ଓଡ଼ିଶାର ବହୁ ଶିକ୍ଷିତ ଗୋଷ୍ଠୀ ଯୋଗ ଦେଇଥିଲେ । ଓଡ଼ିଆ ଜାତିର ଏକ ମନ, ଏକପ୍ରାଣ, ଏକ ଆଶା, ଉଦ୍ଦୀପନା ସମ୍ମିଳନୀରେ ପ୍ରତିଫଳିତ ହେଲା । ସବୁର ଉର୍ଦ୍ଧ୍ୱରେ ମଧୁସୂଦନଙ୍କ ଭୂମିକା ଅତୀବ ଗୌରବପୂର୍ଣ୍ଣ । ବହୁ ଘାତ, ପ୍ରତିଘାତ, ଶେଷରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା (୧୯୩୬, ଏପ୍ରିଲ ୧ ତାରିଖ) ।

ଭାରତ ସରକାରଙ୍କ ଓଡ଼ିଶା ପ୍ରଦେଶ ଗଠନ ଆଇନ୍ - ୧୯୩୬ । ଏହା ବଳରେ ଉତ୍କଳ ପ୍ରଦେଶ କ୍ଷମତାକୁ ଆସିଲା । ଏପ୍ରିଲ ୧ ତାରିଖ ପ୍ରାତଃକାଳ । ରେଭେନ୍‌ସା କଲେଜ ହଲ୍‌ରେ ଏକ ଉତ୍ସବ ଆୟୋଜିତ । ସାର୍ ଜନ୍ ଅଷ୍ଟିନ୍ ହାବକ ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱରେ । ଇଂଲଣ୍ଡ ସମ୍ରାଟ ଆଉ ଭାଇସରୟଙ୍କ ପାଖରୁ ମିଳିଥିଲା ସମ୍ବର୍ଦ୍ଧନା ପତ୍ର । ଗଭର୍ଣ୍ଣର ପାଠକଲେ । ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ । ୧୯୩୬ ମସିହା ଏପ୍ରିଲ ୧ ତାରିଖରୁ ଓଡ଼ିଶାର ରାଜନୈତିକ ପରିଚୟ ମିଳିଲା । ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ, ଇତିହାସର ଏକ ଅବିସ୍ମରଣୀୟ ଘଟଣା ।

ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଆର ସୁପ୍ତ ଜାତୀୟତାବାଦ । ବେଗଗାମୀ ହେଲା ଭାଷାସୁରକ୍ଷା ଆନ୍ଦୋଳନରେ । ଆଞ୍ଚଳିକ ଜାତୀୟତାବାଦ, ଶେଷରେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସହାୟକ ହେଲା । ଊନବିଂଶ ଶତାବ୍ଦୀର ଦୁର୍ଘଟଣା ଭୟାବହ ନ'ଅଙ୍କ ଦୁର୍ଭିକ୍ଷ । ଦୁର୍ଭିକ୍ଷ ପରବର୍ତ୍ତୀ ସମୟ । ବିମର୍ଷ, ଜନଚେତନାର ପରବର୍ତ୍ତୀକାଳୀନ ଅମୃତମୟ ଫଳ, ଭାଷା ସୁରକ୍ଷା ଆନ୍ଦୋଳନରୁ ଓଡ଼ିଆ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ । ଏଭଳି କୃତିତ୍ୱ କେବଳ ଓଡ଼ିଆ ପୁଅର । ଇତିହାସ ଏହାର ମୂକସାକ୍ଷୀ ।

# ରାଜଧାନୀ ଭୁବନେଶ୍ୱର



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଭୁବନେଶ୍ୱର ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ ଭାବେ ଗଠିତ ହୋଇଥିଲା । ଏହି ନଗର ପାଖାପାଖି ତିନିହଜାର ବର୍ଷ ପୁରୁଣା । ଭୁବନେଶ୍ୱରରେ ବିଭିନ୍ନ କାଳର ପ୍ରାୟ ୬୦୦ ମନ୍ଦିର ଅଛି । ସେଥିପାଇଁ ଏହାକୁ ମନ୍ଦିର ମାଳିନୀ ନଗର ମଧ୍ୟ କୁହାଯାଇଥାଏ । ଭୁବନେଶ୍ୱର ନାମଟି ଶିବଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱର ନାମରୁ ଆସିଅଛି । ଭୁବନେଶ୍ୱର ୩୦୦୦ ବର୍ଷ ଆଗରୁ ମହାମେଘ ବାହନ ଚେଦି ବଂଶଦ୍ୱାରା ଆରମ୍ଭ ହୋଇଥିଲା ଯେଉଁମାନଙ୍କ ରାଜଧାନୀ ବର୍ତ୍ତମାନର ଭୁବନେଶ୍ୱର ପାଖ ଶିଶୁପାଳଗଡ଼ରେ ଥିଲା । ଭୁବନେଶ୍ୱର ତୋଷାଳୀ, କଳିଙ୍ଗ ନଗରୀ, ନଗର କଳିଙ୍ଗ, ଏକାମ୍ର କାନନ, ଏକାମ୍ର କ୍ଷେତ୍ର ଏବଂ ମନ୍ଦିର ମାଳିନୀ ନଗରୀ ନାମରେ ପ୍ରସିଦ୍ଧ । ଦେଶ ସ୍ୱାଧୀନ ହେବାର ପରବର୍ଷ, ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା । ୧୯୪୬ ମସିହାରେ, ଭୁବନେଶ୍ୱରକୁ ଏକ ମନହୋର ନଗରୀରେ ଗଢ଼ି ତୋଳିବାର ନକ୍ସା ପ୍ରସ୍ତୁତ କରିଥିଲେ ଜର୍ମାନୀର ସ୍ଥପତି ଓ ପ୍ଲାନର 'ଅଟୋ କଏନ୍ସବର୍ଗର' ୧୯୪୮ ମସିହା ଅପ୍ରେଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ନୂଆ ରାଜଧାନୀର ପ୍ରତିଷ୍ଠା ଫଳକ ତତ୍କାଳିନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ କରକମଳରେ ସ୍ଥାପିତ ହୋଇଥିଲା । ଭୁବନେଶ୍ୱରରେ ପ୍ରଭୁ ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଶ୍ରୀ ରାମ ମନ୍ଦିର ଆଦି ଆହୁରି ଅନେକ ମନ୍ଦିର ଦେଶ ବିଦେଶରେ ପରିଚିତ । ପ୍ରଭୁ ଲିଙ୍ଗରାଜ ମନ୍ଦିର ଭୁବନେଶ୍ୱରରେ ଥିବା ଏକ ପୁରାତନ ହରିହର ମନ୍ଦିର । ଏହା ୧୧ଶ ଶତାବ୍ଦୀରେ ରାଜା ଯଯାତି କେଶରୀଙ୍କ ଦେଇ ନିର୍ମିତ ହୋଇଥିଲା । ଲିଙ୍ଗରାଜ ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ତିଆରି ଭୁବନେଶ୍ୱରର ସବୁଠାରୁ ବଡ଼ ମନ୍ଦିର । ଭୁବନେଶ୍ୱର ର ପ୍ରାଚୀନ ସ୍ଥାପତ୍ୟ କଳା ଏହି ସ୍ଥାନର ମୁଖ୍ୟ ଆକର୍ଷଣ । ୭ ମ ଶତାବ୍ଦୀରୁ ୧୧ତମ ଶତାବ୍ଦୀ ଯାଏ କଳିଙ୍ଗ ରାଜା ମାନେ ରାଜୁତି କରୁଥିବା ସମୟରେ ଏଠାରେ ଅନେକ ସୁନ୍ଦର ଚାରୁକଳା ସହ ନିର୍ମିତ ମନ୍ଦିର, ମହଲ ଆଦି ଏବେ ମଧ୍ୟ ମୂଲ୍ୟବାନ ପ୍ରତ୍ନତତ୍ତ୍ୱ ହୋଇ ରହିଛି । ବିଭିନ୍ନ ମନ୍ଦିରରେ ପ୍ରସ୍ତର ଖୋଦନ ହୋଇଥିବା ଦେବା ଦେବୀଙ୍କ ପ୍ରତିକୃତି ପୁରାଣ ଓ ଉତ୍କଳର ଗୌରବମୟ ଇତିହାସର ମୂକ ସାକ୍ଷୀ ହେଇ ଦେଶ ବିଦେଶର ଅଗଣିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ।

ଖ୍ରୀଷ୍ଟପୂର୍ବ ୩୦୦ରେ କଳିଙ୍ଗ ଯୁଦ୍ଧରେ ଭୁବନେଶ୍ୱରର ନାମ ଉଲ୍ଲେଖ କରାଯାଇଥିଲା ଯାହାକି ପରେ ସ୍ଥାପିତ ହୋଇଥିବା ଧଉଳି ଶାନ୍ତିସ୍ତୁପ ନିକଟରେ ହୋଇଥିଲା । ଖାରବେଳଙ୍କଦ୍ୱାରା ଉଦୟଗିରି ଏବଂ ଖଣ୍ଡଗିରିରେ ହୋଇଥିବା କାରୁକାର୍ଯ୍ୟଦେଖିବାକୁ ମିଳେ । ଜୈନ ଏବଂ ବୁଦ୍ଧଙ୍କର ବିଭିନ୍ନ ଐତିହାସିକ ଚିହ୍ନ ଦେଖିବାକୁ ମିଳେ । କଳିଙ୍ଗ ରାଜୁତି କାଳରେ ଏହା ରାଜଧାନୀ ଥିଲା । ପୁରାଣ ଯୁଗରୁ ଏକାମ୍ର କ୍ଷେତ୍ର ଶିକ୍ଷା, ସଂସ୍କୃତି, ଐତିହ୍ୟ, ପ୍ରତ୍ନତାତ୍ତ୍ୱିକ, ଐତିହାସିକ ଅନୁଭବ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି । ପଦ୍ମ ପୁରାଣ, ଏକାମ୍ର ପୁରାଣ, ଶିବ ପୁରାଣ, କପିଳ ସଂହିତା, ଶିବ ସଂହିତା, ପ୍ରାଚୀ ମାହାତ୍ମ୍ୟ ଆଦି ଗ୍ରନ୍ଥରେ ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଖ୍ରୀଷ୍ଟପୂର୍ବ ୫୦୦ ବର୍ଷ ପୂର୍ବରୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱର କଳିଙ୍ଗ ସାମ୍ରାଜ୍ୟର ଶାସନ, ପ୍ରଶାସନ, ଶିକ୍ଷା, ସଂସ୍କୃତି ଓ ସଭ୍ୟତାର କେନ୍ଦ୍ରବିନ୍ଦୁ ଥିଲା । କପିଳେଶ୍ୱର ଶିଳାଲିପିରୁ ଏହା ସୁସ୍ପଷ୍ଟ ଯେ ଶାକ୍ୟ ମୁନି ବୁଦ୍ଧଙ୍କ ଜନ୍ମସ୍ଥଳୀ, କର୍ମସ୍ଥଳୀ, ବୌଦ୍ଧ ସଂସ୍କୃତିର ଅଭିବୃଦ୍ଧି, ପ୍ରମୁଖ ପ୍ରଚାର, ପ୍ରସାରର ସ୍ଥଳୀ କଳିଙ୍ଗ ହିଁ ଥିଲା । କଳିଙ୍ଗର ସାଧବ ଭଲ୍ଲିକ ଓ ତପସ୍ସୁ, ସମଗ୍ର ବିଶ୍ୱରେ ପ୍ରବୁଦ୍ଧ ବୁଦ୍ଧଙ୍କର ସର୍ବପ୍ରଥମ ଶିଷ୍ୟର ସୌଭାଗ୍ୟ ପ୍ରାପ୍ତ ହୋଇଥିଲ । କଳିଙ୍ଗର ବୀରତ୍ୱ, ବୈଭବ, ପାଟଳୀପୁତ୍ର (ବର୍ତ୍ତମାନର ବିହାର ) ନରେଶ ଅଶୋକଙ୍କୁ ବିଶ୍ୱବିଦିତ କଳିଙ୍ଗ ଯୁଦ୍ଧର ବିଭୀଷିକା ରଚନା କରିବାକୁ ପ୍ରବର୍ତ୍ତାଇ ଥିଲା । ଏକାମ୍ର କ୍ଷେତ୍ର, କପିଳେଶ୍ୱର ଆଦି ମୁଖ୍ୟସ୍ଥାନ ସମୂହ ଲୁମ୍ବାଇ ପ୍ରଗଣା ରୂପେ ପ୍ରସିଦ୍ଧି ଲାଭ କରିଥିଲା । ଅଶୋକ ଏହା ଜ୍ଞାତ ହୋଇ ବୁଦ୍ଧଙ୍କ ଜନ୍ମୋତ୍ସବ ଏଠାରେ ପାଳନ ପୂର୍ବକ ଏକ ଶିଳାଲେଖ ସ୍ଥାପନ କରି ଲୁମ୍ବାଇ ପ୍ରଗଣାର ସମସ୍ତ ଅଧିବାସୀଙ୍କ ରାଜସ୍ୱ ଛାଡ଼ କରିଥିଲେ । ପରେ ପରେ ଐର ଖାରବେଳ, କେଶରୀ ନୃପତିଗଣ ତଥା ଗଙ୍ଗବଂଶୀ ନରେଶ ସମୂହ ଭୁବନେଶ୍ୱରକୁ ନିଜ ନିଜର ରାଜଧାନୀ ରୂପେ ଗ୍ରହଣ କରି ନେଇଥିଲେ । ବୌଦ୍ଧ ଯୁଗୀୟ ଶିକ୍ଷାକ୍ଷେତ୍ରରେ ମଧ୍ୟ ଭୁବନେଶ୍ୱର ସନ୍ନିକଟ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ବିଶ୍ୱ ପ୍ରସିଦ୍ଧ ଥିଲା । ଏଠାରୁ ବହୁ ଶିକ୍ଷାଗୁରୁ କଳିଙ୍ଗସାଗର ପଥରେ ସୁମାତ୍ରା ଦ୍ୱୀପସ୍ଥ ଶ୍ରୀବିଜୟ ବିଶ୍ୱବିଦ୍ୟାଳୟକୁ ଯାଇ ଚୀନ, ଜାପାନ, ବର୍ମା, ଥାଇଲାଣ୍ଡ ଆଦି ଦେଶର ଶିକ୍ଷାର୍ଥୀମାନଙ୍କୁ ଯୋଗଦର୍ଶନ ଶିକ୍ଷାଦାନ କରୁଥିଲେ ।

ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଏକାମ୍ର କ୍ଷେତ୍ରର ଏକ ସ୍ୱତନ୍ତ୍ରତା ଥିଲା । ଆମ୍ବ, ପଣସ, ଜାମୁ, ନିମ୍ବ, କରଞ୍ଜ, ବର, ବେଲ, ଅଶ୍ୱତ୍ଥ, କୋଚିଲା, ବଉଳ, ତମାଳ, ଚମ୍ପା, ଅଶୋକ, ନାଗେଶ୍ୱର, ଅନନ୍ତ ନାଗେଶ୍ୱର, ଉଦୁମ୍ବର ଆଦି ଦେବ ବୃକ୍ଷରେ ଭୁବନେଶ୍ୱର ପରିପୂର୍ଣ୍ଣ ଥିଲା ।

ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ କୀର୍ତ୍ତିରାଜିର ପ୍ରତୀକ । ୧୯୮୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ପ୍ରଖ୍ୟାତ ସ୍ଥପତି ପଦ୍ମବିଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଅନନ୍ୟ ସୃଷ୍ଟି ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତିକୁ ମାଷ୍ଟରକ୍ୟାଣ୍ଟିନ ଛକରେ ସ୍ଥାପିତ କରାଯାଇଥିଲା । ଶିକ୍ଷାକୁ ନେଇ ସମୃଦ୍ଧ ଭୁବନେଶ୍ୱର । ଉଚ୍ଚ ଶିକ୍ଷା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟ, ବକ୍ସି ଜଗବନ୍ଧୁ ମହା ବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ରାଜଧାନୀ
ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ ସମେତ ବହୁ ଶିକ୍ଷାନୁଷ୍ଠାନ ଅବସ୍ଥିତ ଏବଂ ନନ୍ଦନକାନନ, ବହୁ ପାର୍କ ଆଦି ଅବସ୍ଥିତ । ଓଡ଼ିଶାର ବିଧାନସଭା, ସଚିବାଳୟ, ପ୍ରାୟ ସମସ୍ତ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଆଦି ଅବସ୍ଥିତ । ଆଜି ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସରେ ତା'ର ପୂର୍ବ ଐତିହ୍ୟକୁ ସ୍ମରଣ କରିବା ସହ ଭୁବନେଶ୍ୱରକୁ ଆହୁରି ସରସ, ସୁନ୍ଦର କରିବା ଦିଗରେ ପ୍ରତିଜ୍ଞାବଦ୍ଧ ହେବା ।

# ବିଚାରପତିଙ୍କ ସମ୍ପତ୍ତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ନିଜର ସମ୍ପତ୍ତି ସାର୍ବଜନୀନ କରିବା ପାଇଁ ସୁପ୍ରିମକୋର୍ଟର ସମସ୍ତ ୩୩ଜଣ ବିଚାରପତିଙ୍କ ସର୍ବସମ୍ମତି ନିଷ୍ପତି ସାଂପ୍ରତିକ ସମୟରେ କେବଳ ସ୍ୱାଗତଯୋଗ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ବିଚାର ବିଭାଗ ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ପୁନଃ ପ୍ରତିଷ୍ଠା କରିବାରେ ସହାୟକ ହୋଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଜବତ ହେବା ପରିପ୍ରେକ୍ଷୀରେ ପ୍ରଧାନବିଚାରପତି ସଂଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମସ୍ତ ବିଚାରପତିମାନଙ୍କର ଏକ ବୈଠକରେ ସର୍ବସମ୍ମତ କ୍ରମେ ଏହି ନିଷ୍ପତ୍ତି ଗୃହୀତ ହୋଇଛି । କହିବା ବାହୁଲ୍ୟ ଯେ, ବିଚାରପତି ବର୍ମାଙ୍କ ବାସଭବନରୁ ପ୍ରାୟ ୧୫କୋଟି ଟଙ୍କା ଜବତ ହେବା ପରେ ବିଚାର ବିଭାଗର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଦେଶବ୍ୟାପୀ ତୀବ୍ର ଆଲୋଡନ ସୃଷ୍ଟି ହୋଇଥିଲା । ଏହି ଘଟଣାରେ ତ୍ୱରିତ ପଦକ୍ଷେପ ସହ ପ୍ରଧାନ ବିଚାରପତି ଖାନ୍ନା ଆଭ୍ୟନ୍ତରୀଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ତାଙ୍କୁ ତୁରନ୍ତ ଆଲାହାବାଦ ହାଇକୋର୍ଟକୁ ବଦଳି କରିଥିଲେ । ଏହା ବ୍ୟତୀତ ତାଙ୍କୁ କୌଣସି ମାମଲା ବିଚାର କରିବା ପାଇଁ ଦୂରେଇ ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ବିଚାର ବିଭାଗ ତଥା ନ୍ୟାୟାଳୟର ସ୍ୱଚ୍ଛତା, ନିରପେକ୍ଷତା ନେଇ ବିଚାର ବିଭାଗର ଗୁରୁତର ଚାପରେ ରହିଥିଲା ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହା ସତ ଯେ, ଜନମାନସରେ ନ୍ୟାୟାଳୟର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ଘନୀଭୂତ ହୋଇଥିବା ସନ୍ଦେହ, ଆଶଙ୍କାକୁ ଦୂରିଭୂତ କରିବା ପାଇଁ ବିଚାରପତିମାନଙ୍କ ସମ୍ପତ୍ତି ଅଦାଲତର ୱେବ-ସାଇଟରେ ସାର୍ବଜନୀନ କରିବା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ପଦକ୍ଷେପ । କିନ୍ତୁ ସୁପ୍ରିମକୋର୍ଟଙ୍କର ବିଚାରପତିମାନଙ୍କର ସମ୍ପତ୍ତି ତାଲିକା ସାର୍ବଜନୀନ କରିବା ଆମ ଦେଶରେ ନୂଆ ନିଷ୍ପତ୍ତି ନୁହେଁ । ୧୯୯୭ ମସିହାରେ ପ୍ରଥମ ଥର ପାଇଁ ବିଚାରପତିମାନଙ୍କର ସମ୍ପତ୍ତି ତାଲିକା ପ୍ରଧାନ ବିଚାରପତିଙ୍କୁ ପ୍ରତିବର୍ଷ ପ୍ରଦାନ ଲାଗି ସୁପ୍ରିମକୋର୍ଟର ବିଚାରପତିମାନେ ମଧ୍ୟ ମୁଖ୍ୟ ବିଚାରପତିଙ୍କ ନିକଟରେ ସମ୍ପତ୍ତି ତାଲିକା ଦାଖଲ ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଏହି ପ୍ରସ୍ତାବ ସ୍ୱେଚ୍ଛାକୃତ ଏବଂ ଅତ୍ୟନ୍ତ ଗୋପନୀୟ ଥିଲା । ସମ୍ପତ୍ତି ତାଲିକା ପ୍ରଦାନ ବିଚାରପତିମାନଙ୍କ ପାଇଁ ବାଧ୍ୟତାମୂଳକ ନଥିଲା ଏବଂ ଗୋପନୀୟ ଥିବାରୁ ଜନସାଧାରଣ ଜାଣିବାର କୌଣସି ସୁଯୋଗ ମଧ୍ୟ ନଥିଲା । ସମ୍ପତ୍ତି ତାଲିକା ଅନ୍ଧାରରେ ଥିବାରୁ ଜନସାଧାରଣ ପାଇଁ ଆଦୌ ଉତ୍ତମ ପ୍ରସ୍ତାବ ନଥିଲା । ସେହିପରି ୨୦୦୫ ମସିହାରେ ଦେଶରେ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ବିଚାରପତିଙ୍କ ସମ୍ପତ୍ତି ଜାଣିବା ନେଇ ଆଶା ସଂଚାର କରିଥିଲା । କିନ୍ତୁ ବୃହତର ଜନସ୍ୱାର୍ଥ ନଥିଲେ ବ୍ୟକ୍ତିଗତ ସୂଚନା ସାର୍ବଜନୀନ କରାଯାଇପାରିବ ନାହିଁ ବୋଲି ସୂଚନା ଅଧିକାର ଆଇନରେ ଏକ ବ୍ୟବସ୍ଥା ଥିବାରୁ ବିଚାରପତିମାନଙ୍କ ସମ୍ପତ୍ତି ଜାଣିବା ଅନ୍ଧକାରରେ ରହିଛି । ଏପରି କି ସେମାନେ ସୂଚନା ଆବେଦନକାରୀଙ୍କ ପାଇଁ ଏହି ବ୍ୟବସ୍ଥା ଏକ ପ୍ରତିବନ୍ଧକ ଭାବେ ଉଭା ହୋଇଛି । ୨୦୧୮ ମସିହାରେ କୋର୍ଟ ପ୍ରୋସିଡିଙ୍ଗ ସିଧା ପ୍ରସାରଣ ଆରମ୍ଭ ହେବା ପରେ ବିଚାରପତିମାନେ ସେମାନଙ୍କ ସମ୍ପତି ତାଲିକା ସାର୍ବଜନୀନ କରିବା ନେଇ ଆଶା କରାଯାଇଥିଲା । ମାତ୍ର ସେପରି କିଛି ଅଗ୍ରଗତି ଘଟିଲା ନାହିଁ । ଏପରି ୨୦୨୩ ମସିହାରେ ଆଇନ ଓ ନ୍ୟାୟ, ବ୍ୟାପାର ସଂସଦୀୟ କମିଟି ବିଚାରପତିମାନଙ୍କ ସମ୍ପତି ଘୋଷଣା ବାଧ୍ୟତାମୂଳକ କରିବା ପାଇଁ ସୁପାରିଶ କରିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି ବୈଧାନିକ ଆଇନ ଏଥିପାଇଁ ପ୍ରଣୟନ କରାଯାଇନାହିଁ । ନ୍ୟାୟାପଳିକାରେ ସ୍ୱଚ୍ଛତା ପାଇଁ ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ଓ ବଦଳି ପାଇଁ କେନ୍ଦ୍ର ସରକାର ୨୦୧୫ରେ ପ୍ରଣୟନ କରିଥିବା ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ । ଆଇନକୁ ଅସାମ୍ବିଧାନିକ ଘୋଷଣା କରି ରଦ୍ଦ କରିବା ପରେ ବିଚାରପତିମାନଙ୍କୁ ଉତ୍ତରଦାୟିତ୍ୱ କରିବା ଲାଗି ସୁପ୍ରିମକୋର୍ଟ ଘୋଷଣା କରିଥିଲେ । ମାତ୍ର ଏବେ ଦୀର୍ଘ ଏକ ଦଶନ୍ଧି ପରେ ଦୁଇଜଣ ବିଚାରପତିଙ୍କ ଆଚରଣ ନେଇ ପ୍ରଶ୍ନ ଉଠିଥିବାବେଳେ ସେମାନଙ୍କୁ ଉତ୍ତରଦାୟିତ୍ୱ କରାଯାଇପାରିନାହିଁ । ଆଲାହାବାଦ ହାଇକୋର୍ଟର ବିଚାରପତି ଶେଖର ଯାଦବଙ୍କ ସାମ୍ପ୍ରଦାୟିକ ମତବାଦ ଏବଂ ବିଚାରପତି ବର୍ମାଙ୍କ ଆର୍ଥିକ ଦୁର୍ନୀତି ଘଟଣାରେ ସେମାନଙ୍କୁ ଉତ୍ତରଦାୟୀ କରିବାରେ ସର୍ବୋଚ୍ଚ ଅଦାଲତ ବିଫଳ ହୋଇଥିବା କୁହାଯାଇପାରେ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲୋକପ୍ରତିନିଧି ଅମଲାତନ୍ତ୍ର ତଥା ସରକାରୀ କର୍ମଚାରୀଙ୍କ ପାଇଁ ସମ୍ପତି ତାଲିକା ସାର୍ବଜନୀନ କରିବା ବାଧ୍ୟତାମୂଳକ ହୋଇଥିବାବେଳେ ବିଚାରପତିମାନଙ୍କୁ ଏଥିରୁ ବାଦ୍ ଦିଆଯିବା ଉଚିତ ନୁହେଁ । କାରଣ ବିଚାର ବିଭାଗରେ ଗୌରବ ଏବଂ ଉତ୍ତରଦାୟିତ୍ୱ ଏବେ ବିପଦଗ୍ରସ୍ତ । ବିଚାରପତିମାନଙ୍କ ସମ୍ପତ୍ତି ତାଲିକା ଘୋଷଣା ବାଧ୍ୟତାମୂଳକ କରିବାର ସମୟ ଏବେ ଉପନୀତ । କାରଣ ସୁପ୍ରିମକୋର୍ଟଙ୍କ ସର୍ବସମ୍ମତ ନିଷ୍ପତ୍ତି ଯଥେଷ୍ଟ ନୁହେଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# କାଳବୈଶାଖୀରେ ଜଳିଗଲା ଘର: ବାସହରା ହୋଇଗଲେ ପରିବାର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ମାଡି ଆସିଲା କାଳ ବୈଶାଖୀ। ସୁ ସୁ ପବନ ବୋହି ବର୍ଷା ପଡିଲା। ଭାଙ୍ଗିଲା ଗଛ ଡାଳ, ଉଡାଇ ନେଲା ଟିଣ, ସହର ଅନ୍ଧକାର ହୋଇଗଲା । ଏହି ସମୟରେ ଗଡିଆ ମାଳି ସାହିରେ ଥିବା ଗୋଟିଏ ଘରେ ବିଜୁଳି ପଡି ଘର ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଛି। ସନ୍ଧ୍ୟା ପ୍ରାୟ ସାଢେ ୬ଟାରୁ ଆରମ୍ଭ ହେଲା କାଳବୈଶାଖୀ। ପବନର ବେଗ ଖୁବ୍ ଜୋର୍‌ରେ ଥିବାବେଳେ ପ୍ରଥମେ ଆରମ୍ଭ ହେଲା ଧୂଳିଝଡ। ରାସ୍ତାଘାଟ କିଛି ଦେଖା ଗଲାନି। ପ୍ରାୟ ୨୦ ମିନିଟ୍ ଧରି ଏପରି ତାଣ୍ଡବ ରଚିଲା। ଏହାପରେ ଆରମ୍ଭ ହେଲା ବର୍ଷା ସାଙ୍ଗକୁ ବିଜୁଳି ଘଡଘଡି। ଥରି ଉଠିଲା ସହର, ଏମିତି ପ୍ରାୟ ଘଣ୍ଟାଏ ତାଣ୍ଡବ ରଚିଲା। ଜୟପୁର ଗଡିଆ ମାଳି ସାହିରେ ବାସ କରୁଥିବା ପ୍ରଶାନ୍ତ ଜେନା (୪୦) ତାଙ୍କ ସମ୍ପର୍କୀୟଙ୍କ ମାଛ ଦୋକାନରେ କାମ କରି ନିଜ ପରିବାର ପୋଷଣ କରନ୍ତି। ପ୍ରତିଦିନ ପରି ସେ ସନ୍ଧ୍ୟାରେ ମଧ ଦୋକାନକୁ ଚାଲିଯାଇଥିଲେ। ସନ୍ଧ୍ୟା ୭ଟାରେ ଯେପରି ପବନ ବର୍ଷା ଆସିଲା ତାହା ଦେଖି ତାଙ୍କ ପରିବାର ଲୋକେ ତାଙ୍କ ପଡୋଶୀଙ୍କ ଘରକୁ ଚାଲିଯାଇଥିଲେ। ଠିକ ୭ଟା ୧୫ ସମୟରେ ଯେଉଁ ବିଜୁଳି ଘଡଘଡି ମାରିଲା । ସେଥିରେ ତାଙ୍କ ଘର ଜଳିଯାଇଥିଲା। ଘରେ କେହି ନଥିବା ବେଳେ ସମସ୍ତଙ୍କ ଜୀବନ ରହିଯାଇଛି କିନ୍ତୁ ଘର ଭିତରେ ଥିବା ଆସବାବ ପତ୍ର, ଶାଢ଼ୀ ଓ ପିଲାମାନଙ୍କ ବହି ସବୁ ଜଳିପୋଡି ପାଉଁଶ ହୋଇଯାଇଥିଲା। ନିଆଁକୁ ଆୟତ କରିବାକୁ ଚେଷ୍ଟା କରିବା ବେଳେ ସବୁକିଛି ପାଉଁଶ ହୋଇଯାଇଥିଲା। ଝିଅ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ପୁଅଟି ୫ମ ଶ୍ରେଣୀରେ ଶିକ୍ଷାଗ୍ରହଣ କରୁଛନ୍ତି। ପ୍ରତିଦିନ ମଜୁରୀରୁ ଯାହା ବଳେ ତାହାକୁ ବଞ୍ଚାଇ ବଞ୍ଚାଇ ସେ ୪୬ ହଜାର ଟଙ୍କା ରଖିଥିଲେ ତାହା ମଧ ଜଳିଯାଇଛି। ପୁଅ ଝିଅଙ୍କ ପାଠପଢା ବହି ଠାରୁ ସମସ୍ତ ସାମଗ୍ରୀ ଜଳି ଯାଇଥିବା ଯୋଗୁ ପରିବାର ଲୋକେ ଚଳିବା କଷ୍ଟକର ହୋଇପଡିଛି। ଏନେଇ ପ୍ରଶାସନକୁ ଜଣାଯାଇଥିଲେ ମଧ ଆଜି ସୁଦ୍ଧା ତାଙ୍କ ଘରକୁ କେହି ବି ଯାଇନଥିବା ପ୍ରଶାନ୍ତ କହିଛନ୍ତି। ନିଜେ ଚଳିବା କଷ୍ଟକର ହେବା ସହ ପରିବାର ଚଳାଇବା କଷ୍ଟକର ହୋଇଥିବା ଯୋଗୁଁ ସହରବାସୀ ସହଯୋଗର ହାତ ବଢାଇଲେ ତାଙ୍କ ପରିବାର ପୁଣି ଥରେ ଗଢି ଉଠିବ ବୋଲି ସେ କହିଛନ୍ତି।

# ସରକାରୀ କ୍ୱାର୍ଟର ପାଲଟିଛି ଅପରାଧୀଙ୍କ ଆଡ୍ଡାସ୍ଥଳୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା କୋର୍ଟ ଓ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଲାଗିଥିବା ସରକାରୀ କ୍ୱାର୍ଟରଟି ଅପରାଧୀଙ୍କ କବ୍‌ଜାରେ ରହିଛି । ଦୀର୍ଘ ବର୍ଷେ କାଳ ହେବ ଏହି କ୍ୱାର୍ଟରରେ ତିନିଜଣ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ରହୁଥିଲେ । ନୂତନ ଭାବେ କ୍ୱାର୍ଟର ନିର୍ମାଣ କରାଯିବ ବୋଲି କର୍ମଚାରୀଙ୍କୁ ବାହାର କରିଦେବା ପରେ ଆଜି ପର୍ଯ୍ୟନ୍ତ ଏହି କ୍ୱାର୍ଟରର କୌଣସି କାର୍ଯ୍ୟ ହୋଇନାହିଁ । କ୍ୱାର୍ଟରେ ଥିବା ୧୨ ଟା କବାଟ , ୧୮ ଟି ଝରକା, ପ୍ରବେଶ ପଥର ଗ୍ରିଲ୍, ଆଟୁ ପ୍ରଭୃତି ମୂଲ୍ୟବାନ ଜିନିଷ ଗୁଡିକୁ ଅପରାଧୀ ମାନେ ତାଡି ବିକ୍ରି କରି ଦେଇଛନ୍ତି । ବର୍ତ୍ତମାନ ୭-୮ ଜଣ ଅପରଧୀ ଏହି ଘରେ ରାତିରେ ଆଡ୍ଡା କରୁଛନ୍ତି । ଏହି କ୍ୱାର୍ଟର ଭିତରେ ଅପରାଧୀ ମାନେ ପ୍ରାୟ ସମୟରେ ମଦ, ଗଞ୍ଜେଇ ଓ ବ୍ରାଉନ୍ ସୁଗାର ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଚୋରା କାରବାର କରିବା ସହିତ ପଛପଟରେ ରହୁଥିବା ସୁଇପର କଲୋନୀକୁ ରାତିରେ ଟେକା ପଥର ମାଡ କରୁଛନ୍ତି । ତୁରନ୍ତ ଏହି ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ୱାର୍ଟରକୁ ସଂପୂର୍ଣ୍ଣ ରୂପେ ଭାଙ୍ଗି ଦେବାକୁ ଦାବି ହେଉଛି ।

# ଗେଙ୍ଗୁଟି ନଈରେ ଗାଧୋଇବା ବେଳେ ନାବାଳକକୁ ଟାଣିନେଲା କୁମ୍ଭୀର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ମୁଟୁରିଗଡ଼ ଗ୍ରାମ ନିକଟ ଗେଙ୍ଗୁଟି ନଦୀରେ ଗାଧୋଉଥିବା ବେଳେ ଶୁକ୍ରବାର ମଧାହ୍ନରେ ଜଣେ ନାବାଳକକୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଛି । ଖବରପାଇ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଂଜନ ବାରିକ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସରପଞ୍ଚ ଚକ୍ରଧର ଦାସ, ଅଧକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଦାସ, ପୀରହାଟ ପୋଲିସ, ପୂର୍ବତନ ସରପଞ୍ଚ ରାଜାରାମ ମହାକୁଡ଼, ସମାଜସେବୀ ବିପିନ ରାଉତ, ନୀଳମଣି ମାଝୀ ପ୍ରମୁଖ ନଦୀ ପାଖରେ ପହଞ୍ଚି ଅନୁଧାନ କରିଛନ୍ତି । ତିହିଡ଼ି ଅଗ୍ନିଶମ ବିଭାଗ ଦଳ ନାବାଳକକୁ ନଈରେ ଖୋଜା ଖୋଜି କରୁଥିବା ଜଣାପଡ଼ିଛି । ପ୍ରକାଶ ଯେ, ମୁଟୁରିଗଡ଼ ଗ୍ରାମର କାଶିନାଥ ମାଝୀଙ୍କ ପୁଅ ଆକାଶ ମାଝୀ (୧୭) ସାଙ୍ଗ ପିଲାମାନଙ୍କ ସହିତ ଗେଙ୍ଗୁଟି ନଦୀରେ ଗାଧୋଉଥିବା ବେଳେ ଆକାଶ ପିଲାମାନଙ୍କ ଠାରୁ କେଉଁ ଆଡ଼େ ଚାଲି ଯାଇଥିଲେ । ପିଲାମାନେ ଆକାଶକୁ ଖୋଜୁଥିବା ବେଳେ ନଈର ଗାଧୋଉଥିବା ସ୍ଥାନ ଠାରୁ କିଛି ଦୂରରେ ଏକ କୁମ୍ଭୀର ଆକାଶକୁ ଟାଣି ନେଉଥିବା ଦେଖିଥିଲେ । ପିଲାମାନେ ଆକାଶକୁ ଉଦ୍ଧାର କରିବା ପାଇଁ କୁମ୍ଭୀରକୁ କିଛିଦୂର ଗୋଡ଼ାଇଥିଲେ । ମାତ୍ର କୁମ୍ଭୀର ନଈରେ ଦୂରକୁ ଦୂରକୁ ପଳାଇ ଯାଇଥିଲା । ପିଲାମାନେ ଏ ସମ୍ପର୍କରେ ଗ୍ରାମରେ ଲୋକମାନଙ୍କୁ ଜଣାଇବା ପରେ ଗାଁ ଲୋକମାନେ ପୋଲିସ ଓ ପ୍ରଶାସନକୁ ଖବର ଦେଇଥିଲେ ।

# ଆୟୁଷ୍ମାନ୍ ଯୋଜନାର ଶୁଭ ଉଦ୍‌ଘାଟନ: ଉପକୃତ ହେବେ ଜିଲ୍ଲାରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋକୁଳନନ୍ଦ ମଲିକ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗ ମନ୍ତ୍ରୀ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଂଜୀବନୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆରମ୍ଭ ହୋଇଛି ଏକ ନୂତନ ଯୁଗ । ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା । ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଅଲଗା ଅଲଗା ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ଼ । ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସହାୟତା ମିଳିବ । ଏହି ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳା ହିତାଧିକାରୀଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦିଆଯିବ । ଏଥିରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଅଧିକ ପରିବାରର ୩ କୋଟି ୪୬ ଲକ୍ଷ ଲୋକ ମାଗଣା ଚିକିତ୍ସା ବା ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ପାରିବେ । ପୂର୍ବରୁ ୧୬ଟି ରାଜ୍ୟର ୯ ଶହ ପଞ୍ଜିକୃତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଥିଲା । ମାତ୍ର ଏବେ ଦେଶର ୨୯ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ । ପଶ୍ଚିମବଙ୍ଗକୁ ଛାଡି କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣରେ ଯୋଗ୍ୟ ଓଡ଼ିଆ ହିତାଧିକାରୀ ମାନଙ୍କର ଆଉ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଅସୁବିଧା ରହିବନାହିଁ । ସ୍ୱାସ୍ଥ୍ୟ ହିଁ ସମ୍ପଦ ତେଣୁ ସମସ୍ତ ନାଗରିକଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସାସେବା ଯୋଗାଇ ଦେବା ହେଉଛି ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା, ବିଧାୟକ, ଗଣେଶ୍ୱର ବେହେରା, ମହାକାଳପଡ଼ା, ବିଧାୟକ, ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି, ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଡାକ୍ତର ନୃପେନ୍ ଶତପଥି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲୀପ ନାୟକ, ଅଜିତ ନାରାୟଣ ପ୍ରସାଦ ଗିରି, କେନ୍ଦ୍ରାପଡା ପୌରପାଳିକା ନିର୍ବାହୀ ଅଧିକାରୀ, ଗୀତାଞ୍ଜଳି ଦାସ ଡିପିଏମ୍ ପ୍ରମୁଖ ଯୋଗ ଦେଇଥବା ବେଳେ ମାନ୍ୟଗଣ୍ୟ ଜନପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ହିତାଧିକାରୀ ଉପସ୍ଥିତ ଥିଲେ ।

# ବିଲ୍‌ଡର ସଂସ୍ଥାର ପ୍ରକଳ୍ପ ପଞ୍ଜୀକରଣ ପ୍ରତ୍ୟାହୃତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଖେଳ ରାଜଧାନୀ ବାସୀଙ୍କ ପାଇଁ କାଳ ହେଉଛି । ରାସ୍ତା ଥାଉକି ନଥାଉ ବିଲ୍ଡର ସଂସ୍ଥାକୁ ପ୍ରକଳ୍ପ ପାଇଁ ଅନୁମୋଦନ ଦେଇ ବସି ପଡୁଛି । ଏପରି ବେଆଇନ୍ କାରବାରରେ କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ପକେଟ୍ ଗରମ ହେଉଛି । ଏଭଳି ଏକ ଘଟଣା ସାମ୍ନାକୁ ଆସିବା ପରେ ଓରେରା ସମ୍ପୃକ୍ତ ବିଲ୍ଡର ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସହିଦନଗର ସ୍ଥିତ ହର୍ଷପ୍ରିୟା ନୀଳାଚଳ ବିଲ୍ଡର ସଂସ୍ଥାକୁ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ ବା ଓରେରା ଛାଟ ବାଜିଛି । ହର୍ଷପ୍ରିୟା ନୀଳାଚଳର ଏଚ୍‌ଏନ୍ କୋର୍ଟୟାର୍ଡ ପ୍ରକଳ୍ପ ପଞ୍ଜୀକରଣକୁ ଓରେରା ପ୍ରତ୍ୟାହାର କରିଛି । ଉକ୍ତ ପ୍ରକଳ୍ପକୁ ରେଲୱେ ଜମିରେ ରାସ୍ତା କରାଯାଇଥିଲା। ଅଭିଯୋଗ ପରେ ଓରେରା ଘଟଣାର ତଦନ୍ତ କରିଥିଲା। ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ପ୍ରକଳ୍ପର ପଞ୍ଜୀକରଣକୁ କରାଯାଇଥିଲା । ଏନେଇ ଓରେରା ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନାଯୋଗ୍ୟ, ଏଚ୍‌ଏନ୍ କୋର୍ଟୟାର୍ଡ ପ୍ରକଳ୍ପ ନିକଟକୁ ରାସ୍ତା ନଥିଲା। ରେଲୱେ ଜମିକୁ ନିଜର ରାସ୍ତା ବୋଲି ବିଲ୍ଡର ସଂସ୍ଥା ଦର୍ଶାଇଥିଲା । ଏହି ଜାଲ୍ ଦସ୍ତାବିଜ୍ ତନଖି ନକରି ବିଏମ୍‌ସି ପକ୍ଷରୁ ପ୍ରକଳ୍ପ ପାଇଁ ଅନୁମୋଦନ ଦିଆଯାଇଥିଲା । ବିଏମ୍‌ସିର ଅନୁମୋଦନ ଆଧାରରେ ଓରେରା ଅନୁମତି ପ୍ରଦାନ କରିଥିଲା । ଅଭିଯୋଗର ତଦନ୍ତ ପରେ ପ୍ରକଳ୍ପକୁ ରାସ୍ତା ନଥିବା ଓରେରା ଜାଣିବାକୁ ପାଇଥିଲା। କେବଳ ଏଚ୍‌ଏନ୍ କୋର୍ଟୟାର୍ଡ ନୁହେଁ, ରେଲୱେ ଜମିରେ ଅନ୍ୟ କେତେକ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ବିଏମ୍‌ସି ଅନୁମୋଦନ ଦେଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଗଲେ ବିଏମ୍‌ସିର ବେଆଇନ୍ କାର୍ଯ୍ୟ ଧରାପଡ଼ିବ ବୋଲି ସାଧାରଣରେ ଦାବି ହୋଇଛି।

## ।।।।। ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଚେତାବନୀ ।।।।।

# ଋଷିକୁଲ୍ୟା ନଦୀର ସୁରକ୍ଷା ନେଇ ଆନ୍ଦୋଳନ ବ୍ୟାପକ କରାଯିବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ରାଜ୍ୟ ସରକାର ଗୋପାଳପୁର ଓ ଛତ୍ରପୁର ଶିଳ୍ପ କରିଡ଼ରରେ ଥିବା ଟାଟା ଓ ଆଦାନୀ ପରି ଘରୋଇ କମ୍ପାନୀମାନଙ୍କୁ ପାଣି ଯୋଗାଇବାକୁ ସରକାରୀ ଅର୍ଥରେ ଋଷିକୂଲ୍ୟା ନଦୀର ଉପରମୁଣ୍ଡରେ ପିପଲପଙ୍କା ଠାରେ ଡ୍ୟାମ୍ ନିର୍ମାଣ କରିବାକୁ ଯାଉଥିବା ବେଳେ ଭଞ୍ଜନଗର ଉପଜିଲ୍ଲାପାଳ ଓ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ପ୍ରକଳ୍ପ ଜଳର ବ୍ୟବହାର ଓ କ୍ଷୟକ୍ଷତି ସମ୍ପର୍କରେ ଯେଉଁ ବିବୃତି ଦେଇଛନ୍ତି, ତାହା ମିଥ୍ୟା ଓ ବିଭ୍ରାନ୍ତିକର ବୋଲି ଋଷିକୂଲ୍ୟା ସୁରକ୍ଷା କ୍ରୀୟାନୁଷ୍ଠାନ କମିଟି ମତ ପ୍ରକାଶ କରୁଛି । ପ୍ରାୟ ତିନି ଦଶକ ତଳେ ଟାଟାର ପ୍ରସ୍ତାବିତ ଗୋପାଳପୁର ଇସ୍ପାତ ପ୍ରକଳ୍ପ ପାଇଁ ପ୍ରଥମେ ଏହି ଡ୍ୟାମ୍ ନିର୍ମାଣର ପରିକଳ୍ପନା କରାଯାଇଥିଲା। ତେବେ ଜିଲ୍ଲାର ଚାଷୀ ସଙ୍ଗଠନମାନଙ୍କ ବିରୋଧ ଯୋଗୁଁ ତତ୍କାଳିନ ସରକାର ଏହି ପ୍ରକଳ୍ପକୁ ବାତିଲ୍ କରିବାକୁ ବାଧ ହୋଇଥିଲେ। ବର୍ତ୍ତମାନ ସରକାର ସେଠାରେ ପୁଣି ଥରେ ଯେଉଁ ଡ୍ୟାମ୍ ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି, ତା'ର ପ୍ରକଳ୍ପ ରିପୋର୍ଟଟି ମଧ ଗତ ପ୍ରକଳ୍ପର ରିପୋର୍ଟର ଆଧାରରେ ହିଁ କରାଯାଉଛି ବୋଲି ସ୍ପଷ୍ଟ କହିଛନ୍ତି। ସେହି ରିପୋର୍ଟରେ ପ୍ରସ୍ତାବିତ ଡ୍ୟାମ୍‌ର ପ୍ରାୟତଃ ସବୁ ପାଣି ପାଇପ୍ ଯୋଗେ ଗୋପାଳପୁର-ଛତ୍ରପୁର ଅଞ୍ଚଳରେ ରହିଥିବା ଶିଳ୍ପ କରିଡର୍‌କୁ ନିଆଯିବ ବୋଲି କୁହାଯାଇଥିବା ବେଳେ କେବଳ ସୋରଡ଼ା ବ୍ଲକ୍‌ର ତିନୋଟି ଗ୍ରାମକୁ ହିଁ ଜଳସେଚନ ପାଇଁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। କେବଳ ତିନୋଟି ଗ୍ରାମର କିଛି ଶହ ଏକର ଜମିକୁ ଜଳସେଚିତ କରିବାକୁ ଏତେ ବଡ଼ ଡ୍ୟାମ୍ ନିର୍ମାଣ କରାଯାଉଛି ବୋଲି କହିବା ହାସ୍ୟାସ୍ପଦ ଅଟେ। କମ୍ପାନୀଙ୍କ ସ୍ୱାର୍ଥରେ ପିପଲପଙ୍କା ଡ୍ୟାମ୍ ନିର୍ମାଣ ଓ ନଦୀରୁ ଅବାଧ ବାଲି ଖନନର ବିରୋଧ କରି ଋଷିକୂଲ୍ୟା କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ସଚେତନତା ସୃଷ୍ଟି ପାଇଁ ଇତି ମଧ୍ୟରେ ପିପଲପଙ୍କା ଠାରୁ ଗଞ୍ଜାମ ମୁହାଣ ପର୍ଯ୍ୟନ୍ତ ଦୀର୍ଘ ୧୫୦ କି.ମି ପଦଯାତ୍ରା ସଫଳତାର ସହିତ ସମ୍ପନ୍ନ ହୋଇଛି। ପଦଯାତ୍ରା ନଦୀର ଦୁଇକଡ଼ରେ ଥିବା ଶହେ ପାଖାପାଖି ଗ୍ରାମ ଓ ସହରକୁ ଅତିକ୍ରମ କରିବା ସହ ରାସ୍ତାରେ ହଜାର ହଜାର ଲୋକଙ୍କୁ ଭେଟିଛି। ସବୁଠାରେ ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ଚାଲିଥିବା ଏହି ଅଭିଯାନକୁ ସାଧାରଣ ଜନତାଙ୍କ ବିପୁଳ ସମର୍ଥନ ମିଳିଛି। ଆଗାମୀ ଦିନରେ ଉପରୋକ୍ତ ଗାଁମାନଙ୍କରେ ଡ୍ୟାମ୍ ବିରୁଦ୍ଧରେ ଗଣ ଦସ୍ତଖତ ଅଭିଯାନ କରି ତାକୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ଏହାସହ ବ୍ରହ୍ମପୁର ସହରରେ ଜନତାଙ୍କୁ ଡ୍ୟାମ୍‌ର ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆସନ୍ତା ମାସରେ ଏକ ପଦଯାତ୍ରାର ଆୟୋଜନ କରାଯିବ। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ରୀୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ମାଗତା ବେହେରା, ଆଦିତ୍ୟ ରଥ, କବିରାଜ ସାହୁ, ସଞ୍ଜୀବ ରେଡ୍ଡୀ, ବିଜୟ ସ୍ୱାଇଁ, ସୁବାଷ ରାଉତ, ଲକ୍ଷ୍ମୀ ନୃସିଂହ ରଥ, କେ ନାଦେଶୁ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

# ଉତ୍ତରାଧିକାରୀ ପ୍ରମାଣପତ୍ର ପାଇବାରେ ଜନତାଙ୍କ ହଟହଟା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ତହସିଲରେ ନିର୍ଦ୍ଧାରିତ ସମୟରେ ଉତ୍ତରାଧିକାରୀ ପ୍ରମାଣପତ୍ର ମିଳୁନଥିବା ଅଭିଯୋଗ ହୋଇଛି। ଆବେଦନକାରୀ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ସେମାନଙ୍କୁ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଛି। ଏପରିକି ବିଭିନ୍ନ ଆଳ ଦେଖାଇ ଦରଖାସ୍ତକୁ ଖାରଜ କରି ଦିଆଯାଉଛି। ଅନ୍‌ଲାଇନ୍‌ରେ ପୁନଃ ଆବେଦନ କରାଯିବା ପରେ ମଧ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ତାହା ମିଳିବା ସମ୍ଭବପର ହେଉନି। ଭୁବନେଶ୍ୱର ବ୍ଲକର ଦାଢ଼ୀ ପଞ୍ଚାୟତ ପଦାସାହି ଗ୍ରାମର ଆବେଦନକାରୀ ଜଗନ୍ନାଥ ଭଞ୍ଜ ନିଜ ଅବିବାହିତ ଭଉଣୀଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇବାକୁ ଗତ ଫେବୃଆରୀରେ ଅତିରିକ୍ତ ତହସିଲଦାରଙ୍କୁ ଅନ୍‌ଲାଇନ୍ ମାଧମରେ ଆବେଦନ କରିଥିଲେ। ଆବେଦନକୁ ପ୍ରଥମେ ତ୍ରୁଟି ଥିବା ଦର୍ଶାଇ ଖାରଜ କରିଦିଆଗଲା। ପରେ ସେ ପୁଣି ମାର୍ଚ୍ଚରେ ଆବେଦନ କରିଥିଲେ। ପୁନଃ ଆବେଦନ ପରେ ବି ପ୍ରମାଣପତ୍ର ଦେବାକୁ ସମୟ ଗଡ଼ାଗଲା। ଆବେଦନକାରୀ ଶ୍ରୀ ଭଞ୍ଜ ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହାକଙ୍କୁ ଭେଟି ପ୍ରମାଣପତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ । ସରଜମିନ୍ ତଦନ୍ତ ପରେ ପ୍ରମାଣପତ୍ର ଦିଆଯିବ ବୋଲି ଉତ୍ତର ମିଳିଥିଲା । ସୁପରଭାଇଜର ଘରକୁ ଆସି ଗ୍ରାମବାସୀଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ଗତ ୨୩ରେ ଅତିରିକ୍ତ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ଏହାସତ୍ତ୍ୱେ ଏଯାବତ୍ ପ୍ରମାଣପତ୍ର ମିଳିପାରିନାହିଁ । ଶୁକ୍ରବାର ଅତିରିକ୍ତ ତହସିଲଦାରଙ୍କୁ ଆବେଦନକାରୀ ଶ୍ରୀ ଭଞ୍ଜ ଭେଟି ପ୍ରମାଣପତ୍ର ପାଇବାକୁ ଅନୁରୋଧ କରିଥିଲେ। ମାତ୍ର ସେ କହିଥିଲେ ୧୫ ଦିନ ଅପେକ୍ଷା କର । ଏହାପରେ ଆବେଦନକାରୀ ଶ୍ରୀ ଭଞ୍ଜ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ । ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ପହଞ୍ଚି ଆବେଦନକାରୀଙ୍କୁ ବୁଝାସୁଝା କରିଥିଲେ। ଖୁବ୍‌ଶୀଘ୍ର ଉତ୍ତରାଧିକାରୀ ପ୍ରମାଣପତ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ତଦନ୍ତ କରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆବେଦନକାରୀ ସେଠାରୁ ଉଠିଥିଲେ। ଏ ନେଇ ଆବେଦନକାରୀ ତହସିଲଦାର ଶ୍ରୀ ତ୍ରିପାଠୀ ଓ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଉତ୍ତରାଧିକାରୀ ପ୍ରମାଣପତ୍ର ନମିଳିବା କିମ୍ବା ମିଳିବାରେ ବିଳମ୍ବ କରାଯିବା ଯୋଗୁ ହିତାଧିକାରୀ ମାନେ ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

# ଛେଣ୍ଡ ହତ୍ୟା ମାମଲାରେ ୭ ଗିରଫ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ଛେଣ୍ଡ କଲୋନୀ ହତ୍ୟା ଘଟଣାରେ ରାଉରକେଲା ପୋଲିସ ୭ଜଣଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହାର ହୋଇଥିବା ଫାର୍ସା ଓ ବାଇକ୍‌କୁ ଜବତ କରିଛି । ପୋଲିସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛେଣ୍ଡ ଥାନାରେ କୁହାଯାଇଛି ଯେ ମୃତ ମୁକେଶ କର ହତ୍ୟା ଓ ଅନ୍ୟ ଦୁଇଜଣଙ୍କୁ ଆକ୍ରମଣ ମାମଲାରେ ପୋଲିସ ଅଭିଯୁକ୍ତ ଆଶିଷ ପାଶ୍ୱାନ, ସ୍ୱର୍ଣ୍ଣ ବିଶ୍ୱକର୍ମା, ବିବେକ ବିଶ୍ୱକର୍ମା, ଲକି ସିଂ, ଗୌରବ ମହାନ୍ତି, ବିବେକ ପାଣ୍ଡେ, ସୂର୍ଯ୍ୟକାନ୍ତ ରାଉତରାୟଙ୍କୁ ଗିରଫ କରିଛି । ଏମାନେ ସମସ୍ତେ ୨୦ରୁ ୨୧ ବର୍ଷ ଭିତରେ । ଏମାନଙ୍କ ଠାରୁ ୩ଟି ବାଇକ୍ ଓ ମାରଣାସ୍ତ୍ର ଜବତ କରାଯାଇଛି ।

# ଟ୍ରକ୍ ଓଲଟି ନାବାଳକ ମୃତ, ୩ ଆହତ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳରେ ଗୋଟିଏ ଦିନ ନପୁରୁଣୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୁଣି ଜଣକର ମୃତ୍ୟୁ ଘଟିଛି । ଟଂଟୋ ନିକଟସ୍ଥ ୫୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ଯୁବକ ଅକାଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ଯୁବକ ଗମ୍ଭୀର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି । ତେବେ ଏହି ଦୁର୍ଘଟଣାରେ ଏକ ବାପା ମା' ଛେଉଣ୍ଡ ୧୫ ବର୍ଷୀୟ ନାବାଳକ ଶ୍ରମିକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ମୃତ ନାବାଳକ ଶ୍ରମିକ ବଡ଼ବିଲ୍ ୱାର୍ଡ ସଂଖ୍ୟା -୭ ମହାନ୍ତ ବସ୍ତି ଅଞ୍ଚଳର ୧୫ ବର୍ଷୀୟ ଶିବରାମ ବଦ୍ରା ବୋଲି ଜଣାପଡ଼ିଛି । ଅନ୍ୟ ଦୁଇ ଗୁରୁତର ମଧ୍ୟରୁ ଜଣେ ବଡ଼ବିଲ ୱାର୍ଡ ସଂଖ୍ୟା -୪ ଶ୍ରୀରାମ ନଗରର ୫୫ ବର୍ଷୀୟ ଭରତ ସାହୁ ଓ ୱାର୍ଡ ସଂଖ୍ୟା -୮ର ୪୫ ବର୍ଷୀୟ ଛଟନ୍ ଗୁପ୍ତା ବୋଲି ଜଣାପଡ଼ିଛି । ସୂଚନାନୁସାରେ, ବଡ଼ବିଲ ଅଞ୍ଚଳର କିଛି ବ୍ୟବସାୟୀ ଶୁକ୍ରବାର ଲାଗୁଥିବା ବଲାଣି ସ୍ଥିତ ଡବ୍ଲ୍ୟୁ ହଟିଂ ଛକ ନିକଟସ୍ଥ ହାଟକୁ ଆସୁଥିବା ବେଳେ ବଲାଣି ଥାନା ଅନ୍ତର୍ଗତ କାଳେଶ୍ୱର ମନ୍ଦିର ନିକଟରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆହତଙ୍କୁ ବଲାଣି ଖଣିର ଆମ୍ବୁଲାନ୍ସ ଯୋଗେ ବଲାଣି ଖଣି ଡାକ୍ତରଖାନାକୁ ପଠାଇ ଦେଇଥିଲେ । ସେଠାରେ ନାବାଳକ ଶ୍ରମିକ ଶିବରାମର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ତେବେ ଟ୍ରକ୍ ଚାଳକ ନିଶାସକ୍ତ ଅବସ୍ଥାରେ ଏହି ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହିତ ଉତ୍ୟକ୍ତ ହୋଇଥିଲେ । ତାଙ୍କର ଜଣେ ସହଯୋଗୀ ବଡ଼ବିଲ୍‌ରୁ ଆସି ଚାଳକକୁ ପୋଲିସ ଆସିବା ବେଳେ ଘଟଣାସ୍ଥଳରୁ ଖସାଇନେଇଥିବା ଅଭିଯୋଗ କରି ଉକ୍ତ ସହଯୋଗୀକୁ ଧରି ପୋଲିସ ଜିମା ଦେଇଥିଲା । ଘଟଣାସ୍ଥଳରେ ବଲାଣି ପୋଲିସ ପହଞ୍ଚି ରାସ୍ତାରେ ବିଛାଡି ହୋଇ ପଡ଼ିଥିବା ସାମଗ୍ରୀକୁ ରାସ୍ତା କଡ଼କୁ ରଖି ରାସ୍ତାକୁ ଚଳାଚଳ ଉପଯୋଗୀ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟିକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି ।

## ।।।।।।।। 'ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ'ର ଆଧୁନିକୀକରଣ ।।।।।।।।

# ଓମ୍ଫାଡସି ସହାୟତାରେ ବିଭିନ୍ନ ଲାବୋରେଟୋରି ଓ ଲାଇବ୍ରେରୀକୁ ଦିଆଯାଉଛି ନୂଆ ରୂପ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟର ବିଭିନ୍ନ ଆଇଟିଆଇ ଓ ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଉନ୍ନତ ମାନର ଭିତ୍ତିଭୂମିର ଆବଶ୍ୟକତା ରହିଛି। ଏଥିପାଇଁ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ ଥିବା ଓଡ଼ିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିୟରିଂର (ଓଏସ୍‌ଏମ୍‌ଇ) ବିଭିନ୍ନ ଲାବୋରେଟୋରିକୁ ଆଧୁନିକୀକରଣ କରାଯାଉଛି। ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ଫାଡସି) ପାଣ୍ଠିରୁ ଏହି କାର୍ଯ୍ୟକ୍ରମ ଲାଗି ଆର୍ଥିକ ସହାୟତା ଦିଆଯାଉଛି। କେନ୍ଦୁଝର ରାଜ୍ୟର ଏକ ଖଣି ସମୃଦ୍ଧ ଜିଲ୍ଲା। ତେଣୁ, ମାଇନିଂ ଇଞ୍ଜିନିୟରିଂ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ପାଇଁ ୧୯୫୬ ମସିହାରେ ଓଏସ୍‌ଏମ୍‌ଇ ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧିନରେ ପରିଚାଳିତ ଏହି ବୈଷୟିକ ଶିକ୍ଷାନୁଷ୍ଠାନ 'ମାଇନିଂ ଇଞ୍ଜିନିୟରିଂ' ବିଷୟରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରିବାରେ ପୂର୍ବ ଭାରତରେ ପ୍ରଥମ। ଏବେ ଏହି ଶିକ୍ଷାନୁଷ୍ଠାନରେ ମାଇନିଂ ଇଞ୍ଜିନିୟରିଂ ସହିତ ୮ଟି ଅତ୍ୟାଧୁନିକ ବିଷୟରେ ତାଲିମ୍ ପାଠ୍ୟକ୍ରମ ଦିଆଯାଉଛି। ରାଜ୍ୟ ସରକାରଙ୍କ ସ୍କିଲ୍ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଅଧିନରେ ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି। ତା' ଭିତରେ ଓଏସ୍‌ଏମ୍‌ଇ ଭଳି ବୈଷୟିକ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ ହୋଇପାରିଛି। ଏଥିରେ ଓମ୍ଫାଡସି ପାଣ୍ଠିର ଯୋଗଦାନ ରହିବା ଫଳରେ ଏହି ଶିକ୍ଷା ଅନୁଷ୍ଠାନ ଆଜି ନୂଆ ରୂପ ପାଇଛି। ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ନୂଆ ଉଚ୍ଚତାକୁ ଯିବା ସହିତ ସେମାନେ ବିଭିନ୍ନ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଉଛନ୍ତି, କହିଛନ୍ତି ଓଏସ୍‌ଏମ୍‌ଇର ଅଧକ୍ଷ ଇଞ୍ଜିନିୟର କୃଷ୍ଣଚନ୍ଦ୍ର ରାଉତ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଧୁନିକ ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳର ଚାହିଦା ରହିଛି। ଏଥିଲାଗି ଓଏସ୍‌ଏମ୍‌ଇ କଲେଜର ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ଓମ୍ଫାଡସି ପାଣ୍ଠି ସହାୟତାରେ ବିଭିନ୍ନ ଲାବୋରେଟେରିକୁ ଆଧୁନିକ ରୂପ ଦିଆଯିବା ସହିତ ବିଭିନ୍ନ ଉପକରଣ ଦିଆଯାଇଛି। ଫଳରେ ଛାତ୍ରଛାତ୍ରୀ ମାନେ ଥିଓରି ସହିତ ହ୍ୟାଣ୍ଡ୍ସ-ଅନ୍-ପ୍ରାକ୍ଟିସର ସୁବିଧା ପାଉଛନ୍ତି। ଓମ୍ଫାଡସି ସହାୟତାରେ ମାଇନିଂ ଇଞ୍ଜିନିୟରିଂ, ଡ୍ରିଲ ଇଞ୍ଜିନିୟରିଂ, ମାଇନ୍ ସର୍ଭେ, ମେଟାର୍ଲଜି ଏବଂ ଆଇଟି ଲ୍ୟାବର ଆଧୁନିକୀକରଣ କରାଯାଇଛି। ଅଟୋ କ୍ୟାଡ୍, ମ୍ୟାଟ୍ ଲାବୋରେଟୋରି ଏବଂ ମାଇନିଂ ମ୍ୟୁଜିୟମ୍ ସ୍ଥାପନ କରାଯିବା ସହ ସିଭିଲ୍, ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ ପାଇଁ ଆବଶ୍ୟକ କମ୍ପ୍ୟୁଟର ଏବଂ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ସେହିପରି ଓଏସ୍‌ଏମ୍‌ଇ ପରିସରରେ ଥିବା ଲାଇବ୍ରେରୀକୁ ନୂଆ ରୂପ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଏଠାରେ ବିଭିନ୍ନ ପାଠ୍ୟପୁସ୍ତକ ରଖାଯାଇଛି। ତା'ଛଡ଼ା ଏଠାରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ବ୍ୟବସ୍ଥା ହେବା ଫଳରେ ଛାତ୍ରଛାତ୍ରୀମାନେ ଦେଶ ବିଦେଶର ପ୍ରମୁଖ କମ୍ପାନୀରେ ବ୍ୟବହାର ହେଉଥିବା ନୂତନ ଜ୍ଞାନକୌଶଳ ବିଷୟରେ ଜାଣିପାରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ଶରୀରିକ ଭାବେ ଫିଟ୍ ରଖିବା ଲାଗି କ୍ରୀଡ଼ା ଓ ବ୍ୟାୟାମର ଆବଶ୍ୟକ ରହିଛି। ଏଥିପାଇଁ ଓଏସ୍‌ଏମଇ ପରିସରରେ ଖେଳପଡ଼ିଆର ଉନ୍ନତିକରଣ ସହିତ ଆଧୁନିକ ଜିମ ସୁବିଧା କରାଯାଇଛି। ତା'ଛଡ଼ା ଛାତ୍ରଛାତ୍ରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛ ଶୌଚାଳୟର ବ୍ୟବସ୍ଥା ହୋଇଛି। ଓମ୍ଫାଡସି ସହାୟତାରେ ଓଏସ୍‌ଏମ୍‌ଇ ଶିକ୍ଷାନୁଷ୍ଠାନରେ ଏହି ଅତ୍ୟାଧୁନିକ ବ୍ୟବସ୍ଥା ହେବା ଫଳରେ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରୁ ଦକ୍ଷ ଯୁବ ମାନବ ସମ୍ବଳ ସୃଷ୍ଟି ହେଉଛନ୍ତି। ଏଠାରୁ ତାଲିମ୍ ନେଇ ଛାତ୍ରଛାତ୍ରୀମାନେ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଉଛନ୍ତି।

# ସବୁଜ ରଙ୍ଗର ଜର୍ସି ପିନ୍ଧିଛି ଆରସିବି ଦଳ




**ନୂଆଦିଲ୍ଲୀ**

ଆଇପିଏଲ ସିଜିନ ୧୮ର ୨୮ତମ ମ୍ୟାଚ ଆଜି ରାଜସ୍ଥାନ ରୟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ସାଇ ମାନସିଂହ ଷ୍ଟାଡିୟମ (ଜୟପୁର)ରେ ଖେଳାଯାଇଥିଲା । ବେଙ୍ଗାଲୁରୁ ଦଳ ଏହି ମ୍ୟାଚ ରାଜସ୍ଥାନ ବିପକ୍ଷରେ ସବୁଜ ରଙ୍ଗର ଜର୍ସି ପିନ୍ଧି ପଡିଆକୁ ଓହ୍ଲାଇଥିଲା । ଦଳ ଏହି ସ୍ୱତନ୍ତ୍ର ଜର୍ସି କାହିଁକି ପିନ୍ଧେ ଏବଂ ଏହି ଜର୍ସିରେ ଦଳ ଏବଂ ବିରାଟ କୋହଲିଙ୍କ ରେକର୍ଡ କଣ ଏହା ସେମାନଙ୍କର ଗୋ ଗ୍ରୀନ୍ ପ୍ରୟାସର ଏକ ଅଂଶ, ଯେଉଁଥିରେ ସେମାନେ ପ୍ରତ୍ୟେକ ସିଜିନରେ ଗୋଟିଏ ମ୍ୟାଚ ପାଇଁ ସବୁଜ କିଟ ପିନ୍ଧି ଖେଳିଥାନ୍ତି । ଏହି ଜର୍ସି ପିନ୍ଧିବାର ଉଦ୍ଦେଶ୍ୟ ହେଉଛି ପରିବେଶକୁ ସଫା ରଖିବା, ଯଥାସମ୍ଭବ ଗଛ ଲଗାଇବା ଇତ୍ୟାଦି।

ମ୍ୟାଚ ପୂର୍ବରୁ ସୋସିଆଲ ମିଡିଆରେ ସୂଚନା ଦେଇ ଆରସିବି ଲେଖିଥିଲା, ସମସ୍ତ ଆରସିବି ଜର୍ସି ୯୫% କପଡ଼ା ଏବଂ ପଲିଷ୍ଟରରୁ ତିଆରି ହୋଇଥାଏ, ଏବଂ ଏହାକୁ ଅନେକ ଥର ପୁନଃବ୍ୟବହାର କରାଯାଇପାରିବ। ସବୁଜ କିଟ୍‌ରେ ଆରସିବିର ରେକର୍ଡ ସେତେଟା ଭଲ ନୁହେଁ । ଦଳଟି ୨୦୧୧ ପରଠାରୁ ସବୁଜ ଜର୍ସି ପିନ୍ଧି ୧୪ଟି ମ୍ୟାଚ ଖେଳିଛି । ଏଥିମଧ୍ୟରୁ ଦଳ କେବଳ ୪ଟି ମ୍ୟାଚ ଜିତିଛି ଯେତେବେଳେ ୯ଟି ମ୍ୟାଚ ରେ ପରାଜୟର ସମ୍ମୁଖୀନ ହୋଇଛି ।

ଅନ୍ୟପଟେ ବିରାଟ କୋହଲିଙ୍କ ରେକର୍ଡ ଏଥିରେ ଭଲ ରହିଛି, ସେ ଏହି ସ୍ୱତନ୍ତ୍ର କିଟ୍‌ରେ ୧୩ଟି ମ୍ୟାଚ ଖେଳିଛନ୍ତି। ସେ ଏହି ଜର୍ସିରେ ୪ଟି ଅର୍ଦ୍ଧଶତକ ଏବଂ ୧ ଶତକ ମଧ୍ୟ ଖେଳିଛନ୍ତି।

# ରାଜସ୍ଥାନ ରୟାଲ୍ସକୁ ୯ ୱିକେଟରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ




**ଜୟପୁର**

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୨୮ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୯ ୱିକେଟରେ ହରାଇଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଆରସିବି ଆଗରେ ୧୭୪ ରନର ଲକ୍ଷ୍ୟ ଥିବାବେଳେ ଦଳ ୧୭.୩ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ୧୭୫ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଫିଲିପ ସଲ୍ଟ ୬୫ ରନ କରିଥିବାବେଳେ ବିରାଟ କୋହଲି ୬୨ ରନ ଓ ଦେବଦତ୍ତ ପଡ଼ିକଲ୍ଲ ୪୦ ରନ କରିଥିଲେ।

ଆରସିବି ଆଗରେ ୧୭୪ ରନର ଲକ୍ଷ୍ୟ ଥିବାବେଳେ ଦଳ ୧୭.୩ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ୧୭୫ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଫିଲିପ ସଲ୍ଟ ୬୫ ରନ କରିଥିବାବେଳେ ବିରାଟ କୋହଲି ୬୨ ରନ ଓ ଦେବଦତ୍ତ ପଡ଼ିକଲ୍ଲ ୪୦ ରନ କରିଥିଲେ।

ଏହି ମ୍ୟାଚରେ ବେଙ୍ଗାଲୁରୁ ଟସ ଜିତି ପ୍ରଥମେ ବୋଲିଂ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୪ ୱିକେଟ ହରାଇ ୧୭୩ ରନ କରିଥିଲା । ସେ ମାତ୍ର ୪୭ଟି ବଲ ଖେଳି ୨ ଛକା ଓ ୧୦ ଚୌକା ସହ ଏହି ସ୍କୋର କରିଥିଲେ । ସେହିପରି ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୭୫ ରନ କରିଥିବାବେଳେ ଧ୍ରୁବ ଜୁରେଲ ୩୫ ରନ ଓ ରିୟାନ ପରାଗ ୩୦ ରନ କରିଥିଲେ । ଅଧିନାୟକ ସଂଜୁ ସାମସନ ୧୫ ରନ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର, ଯଶ ଦୟାଲ, କ୍ରୁନାଲ ପାଣ୍ଡ୍ୟା ଓ ଜସ ହଜେଲଉଡ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ହକି ଚାମ୍ପିୟନସିପ୍: ମଧ୍ୟପ୍ରଦେଶ-ପଞ୍ଜାବ ଫାଇନାଲ




**ଝାନ୍ସି**

ମଧ୍ୟପ୍ରଦେଶ ଓ ପଞ୍ଜାବ ନିଜ ନିଜର ସେମିଫାଇନାଲ ମ୍ୟାଚରେ ଯଥାକ୍ରମେ ମଣିପୁର ଓ ଉତ୍ତର ପ୍ରଦେଶକୁ ପରାସ୍ତକରି ରବିବାର ଜାତୀୟ ହକି ଚାମ୍ପିୟନସିପ୍ ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ସେମିଫାଇନାଲରେ ମଧ୍ୟପ୍ରଦେଶ ୫-୩ ଗୋଲରେ ମଣିପୁରକୁ ପରାସ୍ତ କରିଥିଲା । ମ୍ୟାଚ୍‌ରେ ବିଜୟୀ ଦଳ ଲାଗି ଅଧିନାୟକ ୟୁସୁଫ୍ ଆଫାନ (ପଞ୍ଚମ ଓ ୩୪ତମ) ଓ ଅଲୀ ଅହମ୍ମଦ (ସପ୍ତମ ଓ ୧୫ତମ) ଦୁଇଟି ଲେଖାଏ ଗୋଲ କରିଥିବା ବେଳେ ମହମ୍ମଦ ଜାଇଦ ଖାନ୍ (୪୯ତମ) ଗୋଟିଏ ଗୋଲ କରିଥିଲେ।

ମଣିପୁର ଲାଗି ମୋଇରାଙ୍ଗଥେମ ରବିଚନ୍ଦ୍ରା ସିଂ (୪୬ତମ), ଅଧିନାୟକ ଚିଙ୍ଗଲେନସାନା ସିଂ କଙ୍ଗୁଜାମ (୫୦ତମ) ଓ ଲାଇଶ୍ରମ ଦୀପୁ ସିଂ (୫୩ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ପଞ୍ଜାବ ୪-୩ ଗୋଲରେ ଉତ୍ତର ପ୍ରଦେଶକୁ ହରାଇଛି।

ବିଜୟୀ ଦଳ ପାଇଁ ଯଶ୍ୱଜିତ୍ ସିଂ କୁଲାର (୧୪ ଓ ୪୦ତମ) ଦୁଇଟି ଗୋଲ ଦେଇଥିବା ବେଳେ ହରଜିତ ସିଂ (୨୨) ଓ ଯୁଗରାଜ ସିଂ (୪୫) ଗୋଟିଏ ଲେଖାଏ ଗୋଲ କରିଥିଲେ। ଜବାବରେ ଉତ୍ତରପ୍ରଦେଶ ପକ୍ଷରୁ ଶର୍ଦା ନନ୍ଦ ତିୱାରୀ(୪୧ ଓ ୪୩ତମ) ଦୁଇଟି ଓ ପବନ ରାଜଭର ଗୋଟିଏ ଗୋଲ କରିଥିଲେ।

# ଆଇ ଫୋନ୍ ୧୫ ପ୍ରୋ ଫୋନ ବ୍ୟବହାର କରୁଛନ୍ତି ବିରାଟ କୋହଲି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ଷ୍ଟାର ଖେଳାଳି ବିରାଟ କୋହଲି କେବଳ ତାଙ୍କର ଚମତ୍କାର ଖେଳ ପାଇଁ ନୁହେଁ ବରଂ ତାଙ୍କର ଜୀବନଶୈଳୀ ଏବଂ ଗ୍ୟାଜେଟ ପାଇଁ ମଧ ଖବରରେ ରହିଛନ୍ତି । ତାଙ୍କ ପ୍ରଶଂସକଙ୍କ ମନରେ ପ୍ରାୟତଃ ଏହି ପ୍ରଶ୍ନ ଉଠେ ଯେ ବିରାଟ କୋହଲି କେଉଁ ଫୋନ ବ୍ୟବହାର କରନ୍ତି ? ସେ କଣ କେବଳ ପ୍ରଚାର ପାଇଁ ବ୍ରାଣ୍ଡେଡ ଫୋନ ବ୍ୟବହାର କରନ୍ତି ନା ତାଙ୍କର ପ୍ରକୃତରେ କୌଣସି ପ୍ରିୟ ଡିଭାଇସ ଅଛି ? ପ୍ରକୃତରେ, ୨୦୨୩ ବିଶ୍ୱକପ ସମୟରେ, ବିରାଟ କୋହଲିଙ୍କୁ ଏକ ଆଇଫୋନ ସହିତ ଦେଖିବାକୁ ମିଳିଥିଲା । ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ସେ ୧୫ (୧ ଭାରିଆଣ୍ଟ) ବ୍ୟବହାର କରନ୍ତି, ଯାହାର ମୂଲ୍ୟ ଭାରତରେ ପ୍ରାୟ ୧,୯୦,୦୦୦ ଟଙ୍କା ଏହି ମଡେଲଟି ଆପଲର ଏପର୍ଯ୍ୟନ୍ତର ସବୁଠାରୁ ମହଙ୍ଗା ସ୍ମାର୍ଟଫୋନ ବିରାଟଙ୍କୁ ଅନେକ ଥର ଆଇଫୋନ ସହିତ ଦେଖିବାକୁ ମିଳିଛି, ଯାହା ସ୍ପଷ୍ଟ କରେ ଯେ ଆଇଫୋନ ତାଙ୍କର ପ୍ରାଥମିକ ଡିଭାଇସ ବିଶେଷକରି କ୍ୟାମେରା ଗୁଣବତ୍ତା, କାର୍ଯ୍ୟଦକ୍ଷତା ଏବଂ ଗୋପନୀୟତା ଭଳି ବୈଶିଷ୍ଟ୍ୟ ଯୋଗୁଁ, ଆପଲର ସ୍ମାର୍ଟଫୋନ ସେଲିବ୍ରିଟିଙ୍କ ପ୍ରଥମ ପସନ୍ଦ ହୋଇ ରହିଛି।

# ୧୫ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଇଣ୍ଟର କ୍ଲବ ଫୁଟବଲ ଚାମ୍ପିଅନସିପ



**ସୁବର୍ଣ୍ଣପୁର : ନ୍ୟୁଜ୍ ବ୍ୟୁରୋ**

ସୋନପୁର ଗାନ୍ଧୀ ଷ୍ଟାଡିୟମରେ ୧୫ ବର୍ଷ ରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଇଣ୍ଟର କ୍ଲବ ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିଅନସିପ ୨୦୨୫ ର ସପ୍ତମ ଦିବସ ଗ୍ରୁପ ବି ରେ ତିନି ଗୋଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ଆଜିର ବିଜେତା ଦଳ ଆସନ୍ତା କାଲି ସେମି ଫାଇନାଲ ଖେଳିବେ। ସୁବର୍ଣ୍ଣପୁର ଜିଲ୍ଲା କ୍ରିଡ଼ା ସଂଘ, ଫୁଟବଲ ଆସୋସିଏସନ ଓଡିଶା, ଯୁବ କ୍ରୀଡା ବିଭାଗ ଓଡ଼ିଶା ସରକାର ମିଳିତ ସହଯୋଗ ରେ ଅନୁଷ୍ଠିତ ଆଜିର ଏହି ଟର୍ଣ୍ଣମେଣ୍ଟକୁ ମୁଖ୍ୟ ଅତିଥି ଭାବରେ କଟକ ସ୍ପୋର୍ଟସ ହଷ୍ଟେଲ ଇନଚାର୍ଜ ତଥା ଅଣ୍ଡର ଫିଫ୍‌ଟିନ ସିଲେକ୍ଟର ଗଙ୍ଗାଧର ବେହେରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର , ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର ମନ ମୁଣ୍ଡାର ଉପ ସଭାନେତ୍ରୀ ଇନ୍ଦୁ ମତି ପୁରୋହିତ, ଟ୍ରାକ୍ଟର ଏସୋସିଏସନ ର ଉପଦେଷ୍ଟା ବୈକୁଣ୍ଠ ଶତପଥି, ଯୁବ ସାମ୍ବାଦିକ ତଥା ୱେବ ମିଡିଆ ସଂଘ ସଭାପତି ପୀତାମ୍ବର ମହାପାତ୍ର, ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସାଂଗଠାନିକ ସଂପାଦକ ରାଜ କିଶୋର ତ୍ରିପାଠୀ , ଡ୍ରାମା ଆର୍ଟିଷ୍ଟ ତଥା ଡାଇରେକ୍ଟର ହରି ହର ପଧାନ , କଳା ସଂସ୍କୃତି ଗବେଷକ ଚୌଧୁରୀ ବିଭାର ଯୋଗ ଦେଇ ମ୍ୟାଚକୁ ଉଦ୍‌ଘାଟନ କରି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକ ରୁ ୧୦ ଗୋଟି ଫୁଟବଲ ଦଳ ଏଥିରେ ଭାଗ ନେଇ ଥିବା ବେଳେ ଆଜି ର ପ୍ରଥମ ମ୍ୟାଚ ନାରାୟଣ ପୁର ଓ ରାମ ଧୂନ କ୍ଲବ (ସି ) ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ମା ଚର୍ଦ୍ଦେଇ କ୍ଲବ ଚର୍ଦା ଓ ରାମ ଧୂନ କ୍ଲବ (ଏ ) ମଧ୍ୟରେ ଦ୍ୱିତୀୟ ମ୍ୟାଚ , ଏବଂ ରାମ ଧୂନ କ୍ଲବ (ଡି) ଓ ବି ଏମ ପୁର ଇଲେଭେନ ମଧ୍ୟରେ ତୃତୀୟ ମ୍ୟାଚ ଅନୁଷ୍ଠିତ ହୋଇ ଥିଲା । ପ୍ରଥମ ମ୍ୟାଚ ଅମିମାଂସିତ ହୋଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ ରେ ୨-୦ ଗୋଲରେ ଚର୍ଦା ଦଳ ଓ ତୃତୀୟ ମ୍ୟାଚ ମଧ୍ୟ ୦-୦ ଗୋଲ ରେ ଅମିମାଂସିତ ରହିଛି। ସମସ୍ତ ମ୍ୟାଚକୁ ମ୍ୟାଚ କମିସନର ଭାବେ ଜିତେନ୍ଦ୍ର ଥନା ପତି, ମୁଖ୍ୟ ରେଫରୀ ଭାବେ ସାନୁଜ ବିଶ୍ୱାଳ, ଫୋର୍ଥ ଅଫିସିଆଲ ଭାବେ ସଞ୍ଜୀବ ସାହୁ , ସହଯୋଗି ରେଫରି ଭାବେ ପ୍ରଶାନ୍ତ ସେଠି, ନରେଶ ମାଝୀ , ରାଜେଶ ଥନପତି, ଅନିଲ ଭୋଇ ଅନିତା ମହାନନ୍ଦ ଖେଳ ପରି ଚାଳନା ରେ ସହଯୋଗ କରିଥିଲେ। ମନୋରଞ୍ଜନ ତ୍ରୀପାଠୀ ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା କ୍ରିଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳରେ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀଙ୍କ ସମେତ ଚନ୍ଦନ , ରଂଜୁ, ଅନିଲ, ଶିବ, ଚହଦ, ରବି, ଚୈତ୍ୟନ୍ୟ, କିରଣ, ସଦା, ପୁରେନ, କଲିମ ପ୍ରମୁଖ ରାମ ଧୂନ କ୍ଲବ ଓ ଜିଲ୍ଲା କ୍ରୀଡ଼ା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଖୋର୍ଦ୍ଧା ଜିଲ୍ଲା ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦଯାପିତ




**ଖୋର୍ଦ୍ଧା : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ କ୍ରିକେଟ ଆସୋସିଏସନ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ମିଳିତ ଉଦ୍ୟମରେ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ଦୁଇ ଦିନଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି।

ଓଡ଼ିଶା କ୍ରିକେଟ ଏକାଡେମୀ ବୈଷୟିକ ନିର୍ଦ୍ଦେଶକ ଭି ଭେଙ୍କଟରାମ, ଏମ ଭି ପ୍ରସାଦ, ପ୍ରିତମଜିତ ମହାନ୍ତି, ପ୍ରଭାତ ନାୟକ ଏବଂ ଅଭିଳାଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରଟି ଅନୁଷ୍ଠିତ ହୋଇଥିଲା। ଶତାଧିକ କ୍ରିକେଟ ଖେଳାଳି ମାନଙ୍କ ମଧ୍ୟରେ ଯେଉଁମାନେ ଉତ୍ତତ ଖେଳ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ଓଡ଼ିଶା କ୍ରିକେଟ ଏକାଡେମୀ ରେ ରହି ପ୍ରଶିକ୍ଷଣ ନେବା ପାଇଁ ଭେଙ୍କଟ ରାମ ଓଡ଼ିଶା କ୍ରିକେଟ ଆସୋସିଏସନକୁ ପ୍ରସ୍ତାବ ଦେଇଥିଲେ। ଉଦଯାପନୀ ସନ୍ଧ୍ୟାରେ ଏକ ଫ୍ଲଡଲାଇଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରିକେଟ ସଂଘ ସଭାପତି ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ,ଜିଲ୍ଲା କ୍ରିକେଟ କୋଚ ସୌମେନ୍ଦ୍ର ମହାନ୍ତି,ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କିରଣ ଶତପଥୀ, ବ୍ରିଜେଶ ପ୍ରଧାନ, ସୁଧୀର ସାହୁ, ରୋହିତ ରାୟ, ଅବ୍ୟକ୍ତ ହରିହର ଖାଡଙ୍ଗା, କାଜଲ ବଳିଆର୍ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିରଟିକୁ ପରିଚାଳନା କରିଥିଲେସଭାପତି ଶ୍ରୀ ସାହୁ ଓ ସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଏହି ଶିବିର ଆୟୋଜନ ପାଇଁ କୃତଜ୍ଞତା ଜଣାଇଛନ୍ତି।

# ଗଞ୍ଜାମ ଜିଲ୍ଲା ୟୁଥ୍ ପୁରୁଷ ବକ୍ସିଂ ଦଳର ରାଉରକେଲା ଯାତ୍ରା

**ବ୍ରହ୍ମପୁର : ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ଠାରେ ରାଜ୍ୟସ୍ତରୀୟ ବକ୍ସିଂ ୟୁଥ୍ ପୁରୁଷ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜିଲ୍ଲାସ୍ତରୀୟ ବକ୍ସିଂ ୟୁଥ୍ ପୁରୁଷ ଦଳର ଚୟନ ହୋଇସାରିଛି। ଏହି ଦଳ ରେ ଗଞ୍ଜାମ ଜିଲ୍ଲାର ୮ ଜଣ ବକ୍ସର, କୋଚ୍, ମ୍ୟାନେଜର ଓ ରେଫରୀ ଜଜ୍ କୁ ମିଶାଇ ମୋଟ ୧୩ ଜଣିଆ ଦଳ ରାଉରକେଲା ଅଭିମୁଖେ ଆଜି ୧୨/୦୪/୨୦୨୫ ତାରିଖ ସନ୍ଧ୍ୟାରେ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ଯାତ୍ରା ଆରମ୍ଭ କଲେ ବୋଲି ଏଓଇଇ ର ବକ୍ସିଂ ସମ୍ପାଦକ କ.ପ୍ରଭାକର ରାଓ GDAA ର ସଂପାଦକ କାମେଶ୍ୱର ରାଓ ଜଣାଇଛନ୍ତି। ୟୁଥ୍ ପୁରୁଷ ବକ୍ସିଂ ଦଳରେ ୧. ଦୀନେଶ ଜେନା ୨. ଉଲା ବେହେରା, ୩. ଯଜ୍ଞ ନାରାୟଣ ସେଠୀ, ୪. ଘ ତେଜସ କୁମାର, ୫. ରକ୍ଷିତ୍ ପଟ୍ଟନାୟକ, ୬. ଶ୍ୱେତାମ୍ବର ସାବତ,୭. ଅଖିଳେଶ ବେହେରା, ୮. ରବି ନାରାୟଣ ପଣ୍ଡା, କୋଚ୍ ମ୍ୟାନେଜର ଭାବେ ଝ ସାଇ ପ୍ରତାପ, ଏ ଯୋଗୀ ନନ୍ଦ ଯାତ୍ରା କରୁଛନ୍ତି। ଏତତ୍ ସମେତ ପୂର୍ବତନ ବକ୍ସର ଏବଂ ରେଫରି ଜଜ୍ ଈ ବୁଲୁ ପାତ୍ର, ରାଜ୍ୟ ରେଫରି ଜଜ୍ ସୁମନ ଦାସ ତଥା ଅନ୍ତର୍ଜାତୀୟ ରେଫରି ତଥା ସ୍ଥାନୀୟ କୋଚ୍ ଶ୍ରୀ ଶିଶିର କୁମାର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରୁଛନ୍ତି। ଏହି ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ପ୍ରଭାକର ରାଓ, ଶିବରାମ ପାତ୍ର, ଶ୍ରୀ ଲଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ମୁନା ଗୌଡ଼, ଲିଟୁ ଦାସ, ସଞ୍ଜୀବ ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଆ ନୂଆବର୍ଷର ସଂକଳ୍ପ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ପବିତ୍ର ଓଡ଼ିଆ ନୂଆବର୍ଷ ମହାବିଷୁବ ସଂକ୍ରାନ୍ତି ମହାବୀର ହନୁମାନ ଜୟନ୍ତୀ। ଆଜି ଦିନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ଓଡ଼ିଆ ପାଞ୍ଜିର ହେବ ଶୁଭାରମ୍ଭ। ଆଜି ଭାରତର ସମ୍ବିଧାନ ପ୍ରଣେତା , ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଅବହେଳିତ, ଦଳିତଙ୍କ ସ୍ୱାର୍ଥ ଓ ସମ୍ମାନ ତଥା ସାମାଜିକ ସମରସତାର ମୂର୍ତ୍ତୀମନ୍ତ ପ୍ରତୀକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କର ଜନ୍ମ ଜୟନ୍ତୀ। ଆଜିର ଏହି ପବିତ୍ର ଶୁଭ ଦିନରେ ଆମ ରାଜ୍ୟର, ରାଜ୍ୟ ବାହାରେ ଏବଂ ସାରା ବିଶ୍ୱରେ ବସବାସ କରୁଥିବା ଓଡିଆମାନଙ୍କୁ ଅଭିନନ୍ଦନ ଜଣାଉଛି । ଆଗାମୀ ବର୍ଷ ଓ ଆଗକୁ ଆହୁରି ଅନେକ ଅନେକ ବର୍ଷ ଆପଣଙ୍କ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦର ହାତ ରହୁ ଏହା ହିଁ କାମନା କରୁଛି ।

ଗତ କିଛିଦିନ ତଳେ ଚଳିତ ଅପ୍ରେଲ ମାସ ୧ ତାରିଖରେ ଆମେ ଓଡିଶା ଦିବସ ପାଳନ କରିଛେ। ଅପ୍ରେଲ ୧ ଓଡ଼ିଶା ଦିବସରୁ ଅପ୍ରେଲ ୧୪ ଓଡ଼ିଆ ନୂଆବର୍ଷ ପର୍ଯ୍ୟନ୍ତ ଆମେ ଓଡ଼ିଆ ଭାବରେ ଆମ ସ୍ୱାଭିମାନ , ପରିଚୟ ଓ ଅସ୍ମିତାରେ ଯୋଡି ହେବାପାଇଁ ଓ ଏଥିରୁ ପ୍ରେରଣା ନେବାପାଇଁ ପ୍ରତିଦିନ ଓଡ଼ିଆ ସ୍ୱତନ୍ତ୍ର ପରିଚୟ ଉତ୍ସବ ପାଳନ କରିଛେ। ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକୁ ନେଇ ଗତ ୧୪ ଦିନ ଧରି ଆମ ପରିଚୟକୁ ଖୋଜିବା ସହ ନୂଆ ପିଢି ପାଖକୁ ବାର୍ତ୍ତା ପହଞ୍ଚାଇବା ପାଇଁ ଚେଷ୍ଟା କରିଛେ । ଏହି ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହୟସୀ ମାନଙ୍କୁ, ଯେଉଁମାନଙ୍କ ତ୍ୟାଗ, ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ , ସେମାନଙ୍କୁ ଯଥୋଚିତ ସମ୍ମାନ ଦେଉଛୁ।

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ୯୧ ତମ ପ୍ରତିଷ୍ଠା ଦିବସରୁ ଆଜି ୧୪ ଅପ୍ରେଲ ମହାବିଷୁବ ପଣାସଂକ୍ରାନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡିଶାର ନୂଆ ଅବସର ପାଇଁ ସୁଯୋଗ ସୃଷ୍ଟି କରୁ , ଆଜି ଦିନରେ ଏହା ହିଁ କାମନା।

ଆସନ୍ତୁ ମନ, ପ୍ରାଣ, ହୃଦୟରୁ ଓଡିଆ ହେବା । ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମର ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଆ ଗଠନ କରିବାକୁ ସଂକଳ୍ପ ନେବା।

ଓଡ଼ିଆ ଆଜି ଯାହା ଚିନ୍ତା କରେ, ସାରା ଦେଶ ଆଗାମୀ ଦିନରେ ସେହି ରାସ୍ତାରେ ଯାଏ। ସ୍ୱାଧୀନତା ପୂର୍ବରୁ ଆମ ଜାତି ଭାଷା ଆଧାରିତ ରାଜ୍ୟ ଗଠନ ପାଇଁ ଦୀର୍ଘ ଦଶନ୍ଧି ଧରି ଲଢେଇ କରିଥିଲା । ସ୍ୱାଧୀନତା ପରେ ଆମ ଦେଶରେ ରାଜ୍ୟ ଗଠନର ଆଧାର ହେଲା ଭାଷା । ଉତ୍କଳଗୌରବ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀଶଙ୍କର, ସ୍ୱଭାବକବି ଗଙ୍ଗାଧର, ବ୍ୟାସକବି ଫକୀର ମୋହନ , ପାରଳାମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏମିତି ଆହୁରି ଅନେକ ନେତୃତ୍ୱଙ୍କର ଦୂରଦୃଷ୍ଟିର ଓଡ଼ିଆ ଜାତି ହିଁ ଦାୟାଦ।

ଥରେ ଭାବନ୍ତୁ- ଆମେ କଳିଙ୍ଗ ଯୁଦ୍ଧ ହାରିନଥିଲୁ । ବୀର ଓଡ଼ିଆଙ୍କ ଶକ୍ତି, ସାମର୍ଥ୍ୟ ଓ ସାହାସ ଆଗରେ ସମ୍ରାଟ ଅଶୋକଙ୍କ ମଥାନତ ହୋଇଥିଲା। ସଂସ୍କୃତ ପରେ ମହାଭାରତ ଓଡ଼ିଆ ଭାଷାରେ ହିଁ ପ୍ରଥମେ ରଚିତ ହୋଇଥିଲା। କାଳିଦାସ ତାଙ୍କ କାବ୍ୟ ମେଘଦୂତରେ କଳିଙ୍ଗର ରାଜାଙ୍କୁ ମହୋଦଧିପତି ଭାବରେ ଅବିହିତ କରିଥିଲେ। ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସାରା ବିଶ୍ୱରେ ମହିଳା ସଶକ୍ତିକରଣର ନୂତନ ବାର୍ତ୍ତା ଦେଇଥିଲା। ମା ଲକ୍ଷ୍ମୀ ତଥାକଥିତ ସମାଜର ପଛୁଆବର୍ଗର ମହିଳା ଶ୍ରୀୟାଘରକୁ ଯାଇ ସ୍ୱଚ୍ଛତାର ବାର୍ତ୍ତା ଉପରେ ମୋହର ଲଗାଇଥିଲେ। କୋଣାର୍କର ସୂର୍ଯ୍ୟମନ୍ଦିର କେବଳ ଭାସ୍କର୍ଯ୍ୟର ପେଣ୍ଠସ୍ଥଳୀ ନୁହେଁ ବରଂ ବାଳସୂର୍ଯ୍ୟ, ଉଦିତ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କ ନିର୍ଦ୍ଦିଷ୍ଟ ସ୍ଥିତି ଓ ଅବସ୍ଥିତି ଓ ଗଣନା ଆଧାରରେ ଆଷ୍ଟ୍ରୋ ଫିଜିକ୍ସର ଓଡ଼ିଆଙ୍କ ପାରଙ୍ଗମତାର ନିର୍ଦ୍ଦଶନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୮୦୦ ବର୍ଷ ପୁରୁଣା ମନ୍ଦିରର ଦୃଢ଼ତା ଓ ସ୍ଥାୟୀତ୍ୱ ଓଡ଼ିଆ ଜାତିର , ଷ୍ଟ୍ରକଚରାଲ ଇଂଜିନିୟରିଂ ଓ କେମିକାଲ ଇଂଜିନିୟରିଂ କ୍ଷେତ୍ରରେ ନୈପୁଣ୍ୟତାର ପ୍ରମାଣ। ଏହାକୁ ମାନିବାକୁ ହେବ। ଭୀମଭୋଇଙ୍କ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ କାଳଜୟୀ କବିତା। ମହିମା ବିଚାର ଯେ, ବିଶ୍ୱର ସବୁଠୁ ବଡ ଦର୍ଶନ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ହକଦାର , ଏଥିରେ କେହି ଦ୍ୱିମତ ହେବେ ନାହିଁ। ସମ୍ବଲପୁର, କୋଟପାଡ, ପଶାପାଲି, ମାଣିଆବନ୍ଧ ସମେତ ପ୍ରାୟ ସବୁ ଜିଲ୍ଲାର ବସ୍ତ୍ର ଓ ହସ୍ତକଳାର ପ୍ରାଚୁର୍ଯ୍ୟ ତଥା ଆମର କଳା ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ ବିଶ୍ୱକୁ ପ୍ରଭାବିତ କରିବା ପାଇଁ ବଡ ସମ୍ଭାବନା ରଖିଛି । ଏହାକୁ କେହି ବି ସ୍ୱୀକାର କରିବ।

ଦିଲ୍ଲୀରେ ମୋଦିଜୀଙ୍କର ହେଉ ବା ଓଡ଼ିଶାରେ ତାଙ୍କ ମାର୍ଗ ଦର୍ଶନରେ ଚାଲିଥିବା ସରକାର ସବୁବେଳେ ଲୋକଙ୍କ ସରକାର। ଯଦି ପ୍ରତି ଓଡ଼ିଆ ପାଦେପାଦେ ଆଗକୁ ଚାଲିବେ ତାହାହେଲେ ଓଡ଼ିଶା ସାଢେ ୪କୋଟି ପାଦ ଆଗକୁ ଯିବ। କହିବାର ଉଦ୍ଦେଶ୍ୟ ଆମେ ଓଡ଼ିଶାବାସୀ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ। ଯଦି ଏ ଜାତି ଆଗକୁ ବଢିବା ପାଇଁ ଦୃଢ ନିଶ୍ଚିତ ହୁଏ ଏହାର ପ୍ରଗତୀକୁ କେହି ରୋକି ପାରିବେ ନାହିଁ।

ଜଣେ ରାଜନୈତିକ କାର୍ଯ୍ୟକର୍ତ୍ତା ହିସାବରେ ଓ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଯେତେବେଳେ ନୂଆ ଓଡ଼ିଶାର ନୂଆ ପିଢି ସହ ମିଶିଛି ସେମାନଙ୍କ ଆଖିରେ ନିଜେ ବଡ ହେବାର ଓ ଆମ ମାତୃଭୂମିକୁ ପ୍ରଗତୀର ଶୀର୍ଷରେ ପହଁଞ୍ଚାଇବାର ଶପଥର ଝଲକକୁ ମର୍ମେ ମର୍ମେ ଅନୁଭବ କରିଛେ।

ଓଡ଼ିଶା ମାଟିତଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅମାପ ଖଣିଜ ସମ୍ପଦ ଦେଇଛନ୍ତି । ଉଚ୍ଚମାନର ଲୁହାପଥର, ବକ୍ସାଇଟ, କ୍ରୋମାଇଟ୍, ମାଙ୍ଗାନିଜ, କୋଇଲା, ଚୂନପଥର, ଲାଇମଷ୍ଟୋନ , ଡୋଲମାଇଟ , ଗ୍ରାଫାଇଟର ଅମାପ ଭଣ୍ଡାର ଦେଇଛନ୍ତି।

ଆମର ନଦନଦୀ, ଜଳଶକ୍ତିରେ ଓଡ଼ିଶାକୁ ବେଶ ସମୃଦ୍ଧ କରିଛି । ୪୮୦ କିଲୋମିଟର ବ୍ୟାପି ସୁଦୀର୍ଘ ବେଳାଭୂମି ଆମର ଅନନ୍ୟ ସମ୍ପଦ। ନୀଳ ଅର୍ଥନୀତିର ବଡ ସମ୍ଭାବନାର ସୁଯୋଗ ଆମକୁ ଦେଇଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଓଡ଼ିଶା ପାଖରେ ଅଛି ଅମାପ ଜଙ୍ଗଲ ସମ୍ପଦ। ଜଙ୍ଗଲ ସହିତ ଜଡିତ ଆଦିବାସୀ ଓ ବନଜାତ ଦ୍ରବ୍ୟ ଓ ଜଙ୍ଗଲ ସହିତ ଜଡିତ ଆର୍ଥିକ ବିକାଶର ଅନେକ ଦିଗ ବିକାଶର ବାଟରେ ଆମ ରାଜ୍ୟକୁ ଆଗେଇ ନେବାପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି ।

ଓଡ଼ିଶା ଆଜି ଦିନରେ ଭୌତିକ ଦୃଷ୍ଟିରୁ ଦେଶର ଅନ୍ୟରାଜ୍ୟମାନଙ୍କ ତୁଳନାରେ ହୁଏତ ପଛରେ ଥାଇପାରେ, ମାତ୍ର ଆମ ଯୁବପିଢିର ବୌଦ୍ଧିକ ଶକ୍ତି ଦେଶର କୌଣସି ବି ରାଜ୍ୟ ଠାରୁ ପଛରେ ନୁହେଁ । ଏକଥା ମୁଁ ଦୃଢତାର ସହିତ କହିପାରିବି। ଭାରତର ବଡ ବୁଦ୍ଧି ଆଧାରିତ ସୂଚନା ଓ ପ୍ରଯୁକ୍ତି ବା ଆଇଟି ଶିଳ୍ପରେ ଓଡ଼ିଆ ନୂଆ ପିଢିର ଯୋଗଦାନକୁ ଯେ କେହି ବି ସ୍ୱୀକାର କରିବ।

ଓଡ଼ିଆ ଜାତି ପରିଶ୍ରମୀ, ଏକଥା ସତ। ଆମ ମାଟିରେ ଆମ ଲୋକମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇ ଦିଆଯାଇ ପାରିନାହିଁ। ମାତ୍ର ଦଶନ୍ଧି ଦଶନ୍ଧି ଧରି ଆମ ଲୋକମାନଙ୍କର ଝାଳରେ ଦେଶର ପଶ୍ଚିମ ଓ ଦକ୍ଷିଣ ପ୍ରଦେଶ ମାନେ ଯେ, ଆର୍ଥିକ ପ୍ରଗତୀର ଶୀର୍ଷକୁ ଯିବାପାଇଁ ସଫଳ ହୋଇଛନ୍ତି ଏଥିରେ କେହି ଦ୍ୱିମତ ହେବେ ନାହିଁ ।

ଏସବୁ ପ୍ରସଙ୍ଗ ଉଠାଇବା ପଛରେ ମୋ ମନରେ ଏକ ଆବେଗ ଅଛି। ଆମେ ଆମର ଅପାର ସମ୍ଭାବନାକୁ ସଠିକ ଉପଯୋଗ ନକରିବା କାରଣରୁ ଆମେ ସାରା ଦେଶରେ ଅନ୍ୟ ରାଜ୍ୟ ଗୁଡିକ ତୁଳନାରେ ପ୍ରଗତୀର ମାପଦଣ୍ଡରେ ପଛରେ ପଡିଛେ। କାହାକୁ ଦୋଷ ଦେଇ ନିଜ ଦାୟିତ୍ୱରୁ ହଟିଯିବା। ମୋ ଭଳି ଗରିବ ପୃଷ୍ଠଭୂମିରୁ ସଂଘର୍ଷର ରାସ୍ତା ଆପଣାଇ ଏହି ସ୍ଥାନରେ ପହଁଞ୍ଚିଥିବା ମେହନତୀ ମଣିଷ ପକ୍ଷରେ ସମ୍ଭବ ନୁହେଁ ।

ଭଗବାନ ଆମକୁ ଖଣି ଦେଇଛନ୍ତି। ଗତ କିଛି ବର୍ଷରେ ମୋଦି ସରକାରଙ୍କର ଖଣି ଓ ଖଣି ଆଧାରିତ ନୀତିରେ ପରିବର୍ତ୍ତନ ଓ ଖଣିଥିବା ରାଜ୍ୟକୁ ଏହାର ସବୁ ଫାଇଦା ଦେବା କାରଣରୁ ଓଡିଶାର ବଜେଟ ଆକାରକୁ ବହୁତ ବଢାଇଛି । ସରକାରଙ୍କର ବଜେଟ ସାଇଜ ବଡ ହୋଇଛି ସତ, କିନ୍ତୁ ଓଡିଆ ଲୋକଙ୍କର ରୋଜଗାର ଯେତିକି ବଢିବା କଥା ତାହା ବଢି ପାରିନାହିଁ ।

ଖଣି ଆଧାରିତ ରାଜ୍ୟ ରାଜସ୍ୱ ତ ମିଳିବ, କିନ୍ତୁ ଆମକୁ ଖଣି ବାହାରେ ପୁରୁଷାର୍ଥ କରିବାକୁ ପଡିବ । କୃଷି, କୃଷି ଆଧାରିତ ଆନୁଷଙ୍ଗିକ କ୍ଷେତ୍ର ଓ କୃଷି ଉତ୍ପାଦର ପ୍ରକ୍ରିୟାକରଣର ସମ୍ଭାବନାକୁ ମୋ ସରକାର ପ୍ରାଥମିକତା ଦେଇଛି । ଓଡ଼ିଆ ଲୋକଙ୍କୁ ଚାକିରିଆ ନୁହେଁ ରୋଜଗାର ସୃଷ୍ଟି କରିବା ପାଇଁ ଉଦ୍ୟମୀ ହେବାପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ଆମେ ଉଦ୍ୟମରତ। ଶିଳ୍ପ, କ୍ଷୁଦ୍ର, ଲଘୁ ଉଦ୍ୟୋଗ ଏବଂ ଓଡିଶାର ପାରମ୍ପରିକ ଶିଳ୍ପ ଯଥା ବୟନଶିଳ୍ପ, ହସ୍ତକଳା ଆଦିକୁ ବିଶ୍ୱ ଦରବାରରେ ପହଁଞ୍ଚାଇବାର ବଡ ଯୋଜନାକୁ କ୍ରିୟାନ୍ୱିତ କରିବା ପ୍ରକ୍ରିୟାରେ ଆମେ ଲାଗି ପଡିଛୁ ।

ଦେଶ ଏବେ ଅମୃତକାଳରେ। ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବ । ମାତ୍ର ଏହାର ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଆମର ସଂକଳ୍ପ ଦେଶ ଯେତେବେଳେ ୧୦୦ ବର୍ଷ ପୂରଣ କରିବ, ଦେଶକୁ ବିଶ୍ୱର ଏକ ନମ୍ବର ଅର୍ଥନୀତି କରିବାରେ ଓଡ଼ିଶା ଏକ ନିର୍ଣ୍ଣାୟକ ଭୂମିକା ନେବ। ସେଥିପାଇଁ ୨୦୩୬ ସୁଦ୍ଧା ଓଡିଶାକୁ ଖାଲି ଭାରତର ନୁହେଁ ବିଶ୍ୱର ଆର୍ଥିକ ଦୃଷ୍ଟିରୁ ଆଗୁଆ ଭୂଖଣ୍ଡ ଭାବେ ଗଢି ତୋଳିବା ପାଇଁ ଆମକୁ ଯୋଜନାରେ ସଫଳ ହେବାକୁ ପଡିବ । ହାତରେ ମାତ୍ର ୧୧ ବର୍ଷ, ମାନେ ୧୧ ୩୬୫ ମୋଟ ୪୦୧୫ ଦିନ ଯୋଜନାବଦ୍ଧ କଠିନ ପରିଶ୍ରମ ହିଁ ଆମର ନିଷ୍ଠା।

ଆମ ଆତ୍ମବିଶ୍ୱାସ ଆମର ଶକ୍ତି ଆମ ରାଜାଙ୍କ ବିଜୟ ପାଇଁ କଳା ଧଳା ଘୋଡାରେ ଚଢି ଆମ ବଡ ଠାକୁର ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇବା ଓଡ଼ିଆଙ୍କ ଲୋକବିଶ୍ୱାସ। ଓଡ଼ିଆ ସାଧବପୁଅ ସାତ ଦରିଆ ତେର ନଇ ଡେଇଁ ସମୁଦ୍ର ପଥରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲା। ଓଡ଼ିଆଙ୍କ ଆତ୍ମବିଶ୍ୱାସକୁ ଆହୁରି ଦୃଢ କରି ଓଡ଼ିଶାକୁ ପ୍ରଗତୀର ଶୀର୍ଷରେ ପହଁଞ୍ଚାଇବା ପାଇଁ ଆଜି ଓଡ଼ିଆ ନୂଆବର୍ଷରେ ଆସନ୍ତୁ ଦୃଢ ସଂକଳ୍ପ ନେବା।



# ଓଡ଼ିଶାରେ ପ୍ରଥମ ଥର ପାଇଁ ଖୋଲିବ ସ୍କିନ୍ ବ୍ୟାଙ୍କ : କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ ପ୍ରଥମ ଥର ପାଇଁ ଖୋଲିବ ସ୍କିନ୍ ବ୍ୟାଙ୍କ। ଏମ୍ସ ଭୁବନେଶ୍ୱରରେ ପୂର୍ବ ଭାରତର ପ୍ରଥମ ସରକାରୀ ପରିଚାଳିତ ସ୍କିନ୍ ବ୍ୟାଙ୍କ ପ୍ରତିଷ୍ଠା ହେବା ନେଇ ଘୋଷଣା କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା। ଏହି ଗୁରୁତ୍ୱପୂର୍ଣ୍ଣ ସୁବିଧା ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ଦାତାଙ୍କଠାରୁ ଚର୍ମ ସଂଗ୍ରହ କରିବ ଏବଂ ମୁମ୍ବାଇ, ବେଙ୍ଗାଲୁରୁର କେନ୍ଦ୍ର ଉପରେ ବର୍ତ୍ତମାନର ନିର୍ଭରଶୀଳତାକୁ ଦୂର କରି ରୋଗୀଙ୍କ ପାଇଁ ଜୀବନରକ୍ଷାକାରୀ ଚର୍ମ ପ୍ରତିରୋପଣ ପ୍ରଦାନ କରିବ । ଏହି ସ୍କିନ୍ ବ୍ୟାଙ୍କ୍ ପୋଡ଼ା ରୋଗୀଙ୍କ ଜୀବନର ମାନକୁ ଉନ୍ନତ କରିବା ସହ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଏପରି ରୋଗୀଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବ ବୋଲି ଶ୍ରୀ ନଡ୍ଡା ପ୍ରକାଶ କରିଥିଲେ। ପ୍ରଥମେ ସେ ହସ୍ପିଟାଲ ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳା ଉଦ୍‌ଘାଟନ କରିବା ସହ ବହୁମୁଖୀ ଗ୍ୟାଷ୍ଟ୍ରୋନୋମି ବ୍ଲକ୍‌ର ଶିଳାନ୍ୟାସ କରିଥିଲେ। ଏମ୍ସ ଭୁବନେଶ୍ୱରର ଏକ ନୂତନ ୱେବସାଇଟ୍ ମଧ୍ୟ ଉନ୍ମୋଚନ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ। ଏହି ୱେବସାଇଟ୍‌ରେ ସାଧାରଣ ଲୋକଙ୍କୁ ସୁବିଧା ପ୍ରଦାନ ନିମନ୍ତେ ବହୁ ବ୍ୟବସ୍ଥା ରହିଛି। ସହଜରେ ଏମ୍ସର ବିଭିନ୍ନ ସେବା ପାଇବାକୁ ଲୋକମାନେ ଏହା ମାଧ୍ୟମରେ ସୂଚନା ପାଇପାରିବେ। ଏହା ବ୍ୟତୀତ ଇଏଚ୍‌ଏସ କ୍ଲିନିକ୍ ଏବଂ ଅମୃତ୍ ଫାର୍ମାସୀର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ ହୋଇଛି । ଯାହା ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଏବଂ ସୁଲଭ ଔଷଧ ଯୋଗାଣ ସୁନିଶ୍ଚିତ କରିବ।

## ଘୋଷଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ରଥ ଦଉଡି

**ପୁରୀ, ନ୍ୟୁଜ ବ୍ୟୁରୋ**
ଚଳିତବର୍ଷ ଘୋଷଯାତ୍ରା ପାଇଁ ଶନିବାର ପୁରୀରେ ପହଞ୍ଚିଛି ରଥ ଦଉଡି । ବୀରପ୍ରତାପପୁର ଓଡ଼ିଶା କତା ନିଗମ ଫ୍ୟାକ୍ଟ୍ରିରୁ ଏହି ଦଉଡ଼ି ଆସିଥିବା ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି । ସମୁଦାୟ ୨୬ଟି ଦଉଡି ଆସିଥିବାବେଳେ ସେଥି ମଧ୍ୟରୁ ରଥଟଣା ପାଇଁ ୧୪ ଖଣ୍ଡ ଓ କଡର୍ନ ଦଉଡି ୧୨ ଖଣ୍ଡ ପହଞ୍ଚିଛି । ୮ ଇଞ୍ଚ ମୋଟେଇ ଓ ୨୨୦ ଫୁଟ୍ ଲମ୍ବର ୧୪ଟି ରଥ ଟଣା ଦଉଡ଼ି ରହିଛି। ସେହିଭଳି ୨୭୦ ଫୁଟ୍ ଲମ୍ବ, ୨୫୦ ଫୁଟ୍ ଲମ୍ବ, ୧୦୦ ମିଟର ଓ ମୋଟେଇ



୮ ଇଞ୍ଚର ୧୨ ଖଣ୍ଡ ଘେର ଦଉଡି ବା କଡର୍ନ ଦଉଡି ପୁରୀରେ ପହଞ୍ଚିଛି। କଡର୍ନ ଦଉଡି ମଧ୍ୟରୁ ଜେନେରାଲ କଡର୍ନ, ଇନର ଓ ଆଉଟର କର୍ଡନ ଏବଂ ପୋଲିସ ଅଧିକାରୀ ପାଇଁ ମଧ୍ୟ କଡର୍ନ ଦଉଡି ଆସିଥିବା ରଥ ତତ୍ତ୍ୱାବଧାରକ ସୂଚନା ଦେଇଛନ୍ତି । ତେବେ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ କହିଛନ୍ତି । ସେହିପରି ରାମନବମୀରେ ରଥକାଠ ଚିରଟ ଅନୁକୂଳ ହୋଇଛି। ରାମନବମୀରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥକାଠ ଚିରଟ ପକ୍ରିୟା । ରଥ ନିର୍ମାଣ ପାଇଁ ମୋଟ ୮୧୮ ଖଣ୍ଡ କାଠ ଆବଶ୍ୟକ ଥିବା ବେଳେ ଏବେ ସୁଦ୍ଧା ୫୦୦ ଖଣ୍ଡ କାଠ ସରକାରୀ ସ' ମିଲ୍‌ରେ ପହଞ୍ଚି ସାରିଛି ।



ପୁରୀ : ଓଡ଼ିଆ ନବବର୍ଷ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟଙ୍କ ତୋରାଣୀ ବଣ୍ଟନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ଗଞ୍ଜାମ ଜିଲ୍ଲା ଗସ୍ତରେ ରାଜ୍ୟପାଳ

## ଋଷିକୁଲ୍ୟା ମୁହାଣରେ ଦେଖିଲେ ଅଲିଭ ରିଡ୍‌ଲେ କଇଁଛ ଛୁଆ ସମୁଦ୍ର ଫେରିଯିବା ଦୃଶ୍ୟ



**ଛତ୍ରପୁର ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ଜିଲ୍ଲା ଗସ୍ତରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି । ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ସ୍ଥିତ ଋଷିକୂଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ଅଲିଭ ରିଡ୍‌ଲେ ଶାବକଙ୍କୁ ବୁଲି ଦେଖିଲେ ରାଜ୍ୟପାଳ। ବର୍ତ୍ତମାନ ଅଣ୍ଡାରୁ ଛୁଆ ଫୁଟିବା ପରେ କୁନି କୁନି ଶାବକମାନେ ସମୁଦ୍ରମୁହାଁ ହୋଇଛନ୍ତି । ଏହାକୁ ବୁଲି ଦେଖିଛନ୍ତି ରାଜ୍ୟପାଳ। ଏହାସହ ଜିଲ୍ଲାର ବିକାଶ କାର୍ଯ୍ୟର ତଦାରଖ କରିଥିଲେ । ରାଜ୍ୟପାଳଙ୍କ ଏହି ପରିଦର୍ଶନ ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଡିଏଫଓ ସନ୍ନି ଖୋଖରଙ୍କ ସମେତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜଧାନୀର...

କର୍ପୋରେଟର, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ଅବସରରେ ଯୋଗ ଦେଇଥିବା ମୁଖ୍ୟ ଅତିଥିଙ୍କ ସହ ଅତିଥି ମାନେ ବିଧାନସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ମାଲ୍ୟାର୍ପଣ କରିଥିଲେ । ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ପରେଡରେ ମୋଟ ୨୧ଟି ଦଳ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ସୈନିକ ସ୍କୁଲ ପ୍ରଥମ, ଏନ୍ ସି ସି ଆର ଆଣ୍ଡ ଭି ସ୍କ୍ୱାଡ୍ରନ୍ ଦ୍ୱିତୀୟ, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍ ୮ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସିଆରପିଏଫ୍ ବ୍ୟାଣ୍ଡ ଓ ଆର୍ମି ଏୟାର ଡିଫେନ୍ସ ବ୍ୟାଣ୍ଡକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା ।

୧୯୪୮ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ । ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ । ମାତ୍ର ଆଜି ତା'ର କଳେବର ବୃଦ୍ଧି ପାଇଛି । ସଂପ୍ରତି ୧୩ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି । ଆମ ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି । ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା । ଦେଶବିଦେଶରୁ ପର୍ଯ୍ୟଟକମାନେ ଆକାଶ ପଥରେ ହେଉ କିମ୍ବା ରେଳପଥରେ ପ୍ରଥମେ ଆସି ରାଜଧାନୀରେ ପହଞ୍ଚିଥାନ୍ତି। ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ । ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀବାସୀଙ୍କୁ ବାଚସ୍ପତି ସୁରମା ପାଢୀ ଆହ୍ୱାନ ଦେଇଥିଲେ ।

ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଭୁବନେଶ୍ୱରକୁ ଆହୁରି ଉନ୍ନତି କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଶେଷରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପ୍ରଟ୍ଟନାୟକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ଅବସରରେ ବାଚସ୍ପତି ଏହି ଫଟୋଚିତ୍ରଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି । ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇଦିନିଆ ପ୍ରଦର୍ଶନୀ ସୋମବାର ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ ।

### ୬ ମାସରେ...

ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ୩୦୦୯, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ୧୦୮୩, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ସଶସ୍ତ୍ର ପୁଲିସ କନଷ୍ଟେବୁଲାରି ୧୩୧, ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ ୧୦୬୭, ଟ୍ରାଫିକ ଓ ସଡ଼କ ସୁରକ୍ଷା ଶାଖାରେ ୨୦୦୦ ନୂତନ ପଦବୀ ସୃଷ୍ଟି କରାଯାଇଥିବାବେଳେ ନିକଟରେ ୫,୧୨୬ଟି ହୋମଗାର୍ଡ ପଦବୀ ସୃଷ୍ଟି କରାଯାଇଛି। ସେହିପରି ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ ୩୧୨୦, ରାଜ୍ୟ ଫରେନସିକ ସାଇନ୍ସ ସର୍ଭିସ ପାଇଁ୨୫୬ଟି ନୂଆ ପଦବୀ ସୃଷ୍ଟି ସହ ପବ୍ଲିକ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟରେ ୨୬୭ଟି ନୂଆ ପଦବୀ ସୃଷ୍ଟି କରାଯାଇଛି ।

ସରକାର ବର୍ତ୍ତମାନର ସମସ୍ତ ୧୪ଟି ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ (ସିସି ଓ ଇଓ) ଥାନାକୁ ସୁଦୃଢ଼ କରିଛନ୍ତି ଏବଂ ୨୦ଟି ନୂତନ ଥାନା ପ୍ରତିଷ୍ଠା କରିଛନ୍ତି, ଯାହା ଦ୍ୱାରା ପ୍ରତ୍ୟେକ ପୁଲିସ ଜିଲ୍ଲାରେ ବର୍ତ୍ତମାନ ଏକ ଉତ୍ସର୍ଗୀକୃତ ସାଇବର କ୍ରାଇମ ୟୁନିଟ ରହିଛି । ଏହି ବିକେନ୍ଦ୍ରୀକୃତ ଆଭିମୁଖ୍ୟ ଡିଜିଟାଲ ଏବଂ ଆର୍ଥିକ ଅପରାଧର ମୁକାବିଲାରେ ପୁଲିସର ଉତ୍ତରଦାୟିତ୍ୱ ଏବଂ ଫଳପ୍ରଦତାରେ ଏହା ଉନ୍ନତି ଆଣିବ।

ଏହି ବୃହତ ନିଯୁକ୍ତି ଅଭିଯାନ ଆଇନ ଶୃଙ୍ଖଳାକୁ ପ୍ରାଥମିକତା ଦେବା, ନକ୍ସଲବାଦ ଏବଂ ସାଇବର ଅପରାଧ ଭଳି ନିର୍ଦ୍ଦିଷ୍ଟ ସୁରକ୍ଷା ଆହ୍ୱାନର ମୁକାବିଲା କରିବା, ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି । ବିଭିନ୍ନ ସ୍ୱତନ୍ତ୍ର ୟୁନିଟରେ ଏହି ପଦବୀ ସୃଷ୍ଟି ନିଶ୍ଚିତ ଭାବେ ଓଡ଼ିଶା ପୁଲିସ ବାହିନୀର କାର୍ଯ୍ୟଦକ୍ଷତା ଓ ପ୍ରଭାବ ବୃଦ୍ଧି କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି।

### ସୋସିଆଲ ମିଡିଆରେ...

ସ୍ଥାନରେ ପୋଲିସ ମୁତୟନ ଏବଂ ସଠିକ କାର୍ଯ୍ୟାନୁଷ୍ଠାନ ଫଳରେ ନିର୍ବିଘ୍ନରେ ଶ୍ରୀରାମ ନବମୀ ପାଳିତ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ । ସେହିପରି ଆସନ୍ତା କାଲି ପାଳନ ହେବାକୁ ଯାଉଥିବା ହନୁମାନ ଜୟନ୍ତୀକୁ ମଧ୍ୟ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ସମ୍ବେଦନଶୀଳ ଜିଲ୍ଲା ଗୁଡିକରେ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୃତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ପ୍ରଘଟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୋଲିସ ପାଟ୍ରୋଲିଂ, ସନ୍ଦିଗ୍ଧ ଗାଡ଼ି, ମଦ୍ୟପାନ କରି ଗାଡ଼ି ଚାଳନା, ଚୋରା ମଦ ବିକ୍ରି ଉପରେ କଡାକଡି ଚେକିଂ, ଶୋଭାଯାତ୍ରା ଉପରେ କଟକଣା, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ଲଗାଇବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମ୍ମିଳିତ ସିସିଟିଭି କ୍ୟାମେରା ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ଏତଦବ୍ୟତୀତ, ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ସାଧାରଣ ଲୋକ ମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ଏହି ପର୍ବପର୍ବାଣୀ ପାଳନ ବେଳେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ସହ କାଳ ବୈଶାଖୀ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣ ତଥା କର୍ତ୍ତବ୍ୟରେ ନିୟୋଜିତ ପୋଲିସ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ଉପଯୁକ୍ତ ବନ୍ଦୋବସ୍ତ କରିବା ଉପରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ପର୍ବପର୍ବାଣୀର ଶାନ୍ତି ପୂର୍ଣ୍ଣ ତଥା ଶୃଙ୍ଖଳିତ ପାଳନ ନିମନ୍ତେ ମୁଖ୍ୟ ଶାସନ ସଚିବ ଓ ଡିଜିପି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

### ୟୁକ୍ରେନ ଉପରେ...

ଶେୟାର କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସାରା ବିଶ୍ୱର ରୁଷର ଏଭଳି କାର୍ଯ୍ୟର ଜବାବ ଦେବାକୁ ଜେଲେନ୍ସ୍କି ଅନୁରୋଧ କରିଛନ୍ତି।

ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ, ସୁମି ସହରର କେନ୍ଦ୍ର ସ୍ଥଳରେ ଲୋକଙ୍କ ଭିଡ଼ ରହିଥିବା ସମୟରେ ରୁଷ ବାଲିଷ୍ଟିକ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଛନ୍ତି । ଆହତଙ୍କ ମଧ୍ୟରେ ୭ ଜଣ ଶିଶୁ ରହିଛନ୍ତି । ଏଥିରେ ଅନେକ କାର ଜଳିପୋଡ଼ି ନଷ୍ଟ ହୋଇଯାଇଛି।

### ପ୍ରଥମ ଥର ଶକ୍ତିଶାଳୀ ...

(ଡିଇଡବ୍ଲ୍ୟୁ) ଏମ୍‌କେ-୧୧ (ଏ)ର ଲ୍ୟାଣ୍ଡ ସଂସ୍କରଣର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ କରିଥିଲା। ଏହା ସ୍ଥିର ୱିଙ୍ଗ ୟୁଏଭି ଏବଂ ଡ୍ରୋନଗୁଡ଼ିକୁ ସଫଳତାର ସହିତ ସଂରଚନାତ୍ମକ କ୍ଷତି ଘଟାଇଥିଲା ଏବଂ ନିରୀକ୍ଷଣ ସେନ୍ସରଗୁଡ଼ିକୁ ଅକ୍ଷମ କରିଦେଇଥିଲା। ଏହି ସଫଳ ପରୀକ୍ଷଣ ଦେଶ ସହିତ ଉଚ୍ଚ-ଶକ୍ତିଶାଳୀ ଲେଜର ସିଷ୍ଟମ ଥିବା ବିଶ୍ୱ ଶକ୍ତିର ସ୍ୱତନ୍ତ୍ର କ୍ଲବରେ ଯୋଗ ଦେଇଛି, ଡିଆରଡିଓ ଏକ୍ସରେ ଏକ ପୋଷ୍ଟରେ କହିଛି ଏହି ସଫଳତା ଭାରତକୁ ଉଚ୍ଚ-ଶକ୍ତିଶାଳୀ ଲେଜର ଡିଇଡବ୍ଲ୍ୟୁ ସହିତ ରାଷ୍ଟ୍ରଗୁଡ଼ିକର ସ୍ୱତନ୍ତ୍ର ଗୋଷ୍ଠୀରେ ସ୍ଥାନିତ କରିଛି। ଯେପର୍ଯ୍ୟନ୍ତ ମୁଁ ଜାଣିଛି, ଏହା ହେଉଛି ଆମେରିକା, ରୁଷ ଏବଂ ଚାଇନା ଯେଉଁମାନେ ଏହି କ୍ଷମତା ପ୍ରଦର୍ଶନ କରିଛନ୍ତି । ଇସ୍ରାଏଲ ମଧ୍ୟ ସମାନ କ୍ଷମତା ଉପରେ କାମ କରୁଛି, ମୁଁ କହିବି ଯେ ଆମେ ଏହି ପ୍ରଣାଳୀ ପ୍ରଦର୍ଶନ କରିବାରେ ବିଶ୍ୱର ଚତୁର୍ଥ କିମ୍ବା ପଞ୍ଚମ ଦେଶ, ଡିଆରଡିଓ ଅଧକ୍ଷ ସମୀର ଭି କାମାତ ଗଣମାଧ୍ୟମକୁ କହିଛନ୍ତି।

କାମାତ କହିଛନ୍ତି ଯେ ଏହା କେବଳ ଯାତ୍ରାର ଆରମ୍ଭ, ଡିଆରଡିଓ ଅନେକ ପ୍ରଯୁକ୍ତିବିଦ୍ୟା ଉପରେ କାମ କରୁଛି, ଯାହା ଆମକୁ ଷ୍ଟାର ୱାର୍ସ କ୍ଷମତା ଦେବ।

### ହରିଆନା...

ସ୍ଥାନରେ ବିଜୁଳି ଉପଲବ୍ଧ କରାଇବା ଦୃଷ୍ଟିକୋଣ ଅନୁସାରେ ପ୍ରଧାନମନ୍ତ୍ରୀ ଯମୁନାନଗରସ୍ଥିତ ଦୀନବନ୍ଧୁ ଛୋଟୁ ରାମ ଥର୍ମାଲ ପାୱାର ପ୍ଲାଣ୍ଟରେ ୮୦୦ ମେଗାୱାଟ ଆଧୁନିକ ଥର୍ମାଲ ୟୁନିଟର ଶିଳାନ୍ୟାସ କରିବେ । ୨୩୩ ଏକର ପରିବ୍ୟାପ୍ତ ଏହି ୟୁନିଟରେ ୮୪୭୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ବିଦ୍ୟୁତ କ୍ଷେତ୍ରରେ ହରିଆନାକୁ ଆତ୍ମନିର୍ଭର କରିବା ସହ ରାଜ୍ୟବ୍ୟାପୀ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣରେ ସହାୟକ ହେବ ।

### ଟ୍ରମ୍ପଙ୍କ ଆଗରେ...

ଡୋନାଲ୍ଡ ଟ୍ରମ୍ପ ସ୍ମାର୍ଟଫୋନ୍, ଲାପଟପ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ପାଇଁ ଛାଡ଼ ଘୋଷଣା କରିଥିଲେ।

ଚୀନର ବାଣିଜ୍ୟ ମନ୍ତ୍ରଣାଳୟ କହିଛି, ବାଘ ବେକରେ ବାନ୍ଧିଥିବା ଘଣ୍ଟି କେବଳ ସେହି ବ୍ୟକ୍ତି ଖୋଲିପାରିବ ଯିଏ ଏହାକୁ ବାନ୍ଧିଛି। ମନ୍ତ୍ରଣାଳୟ ଟ୍ରମ୍ପ ପ୍ରଶାସନକୁ ଶୁଳ୍କ ପ୍ରତି ଏହାର ଆଭିମୁଖ୍ୟ ସଂଶୋଧନ କରିବାକୁ ଆହ୍ୱାନ କରିଛି । ଚୀନ କହିଛି ଯେ କିଛି ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଶୁଳ୍କରୁ ମୁକ୍ତ କରିବା ପାଇଁ ଏହା ଏବେ ବି ବିଚାର କରୁଛି, କାରଣ ଦେଶକୁ ୯୦ ଦିନର ଶୁଳ୍କ ସ୍ଥଗିତ ରଖିବା ପରେ ମଧ୍ୟ ଅଧିକାଂଶ ଚୀନ ସାମଗ୍ରୀ ଉପରେ ୧୪୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଛି।

### ଚିହ୍ନଟ ହେଲେ...

ସଦସ୍ୟ ପାଲୋ ପଡିଆମି ଏବଂ ଦିୱାନ ମାଡକମ। ପଲୋ ନାମରେ ସରକାର ୨ ଲକ୍ଷ ଏବଂ ଦିୱାନ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଏହି ଏନକାଉଣ୍ଟର ସ୍ଥଳରୁ ଦୁଇଟି ବନ୍ଧୁକ, ଗୋଟିଏ ୩୧୫ ବନ୍ଧୁକ, ମାଓ ପୋଷାକ, ବିସ୍ଫୋରକ, ଔଷଧ ଇତ୍ୟାଦି ଜବତ କରାଯାଇଛି।

## ସାଂସଦ ଅପରାଜିତାଙ୍କ ପାଇଁ ଦଳ ବଡ, ସହର ବଡ ନୁହେଁ : ସୁଲୋଚନା

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**
ରାଜଧାନୀ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅନୁପସ୍ଥିତ ରହିବା ନେଇ ସାଂସଦଙ୍କୁ ସିଧା ଟାର୍ଗେଟ୍ କଲେ ଭୁବନେଶ୍ୱର ମେୟର ସୁଲୋଚନା ଦାସ। ସେ କହିଛନ୍ତି, ସାଂସଦଙ୍କୁ ଯେତେବେଳେ ନିମନ୍ତ୍ରଣ କରାଯାଏ ସେ ଆସନ୍ତି ନାହିଁ, ରବିବାର ମଧ୍ୟ ପ୍ରମାଣିତ ହେଲା । ରବିବାର ମଧ୍ୟ ତାଙ୍କୁ ଡକାଯାଇଥିଲା, ତାଙ୍କ ପାଇଁ ଦଳ ବଡ ହେଲା, ସହର କି ସଂସଦୀୟ କ୍ଷେତ୍ର ବଡ ହେଲା ନାହିଁ, ଭୁବନେଶ୍ୱରବାସୀ ବଡ ହେଲେ ନାହିଁ। ତାଙ୍କୁ ପଚାରିବେ ସେ କାହିଁକି ଆସିଲେ ନାହିଁ । କିନ୍ତୁ ଆମେ ଡାକିଥିଲୁ । ଭୁବନେଶ୍ୱର ଏକାମ୍ର ବିଧାୟକ ମଧ୍ୟ ଅନୁପସ୍ଥିତ ଥିଲେ । ମେୟର କହିଲେ ତାଙ୍କ ଦଳର ପ୍ରଶିକ୍ଷଣ ଚାଲିଛି, ତାଙ୍କ ପାଇଁ ଦଳ ବଡ, ଭୁବନେଶ୍ୱର ବଡ ନୁହେଁ । ତେଣୁ ସେମାନେ ଆସିଲେ ନାହିଁ । ଅପରାଜିତା ଷଡ଼ଙ୍ଗୀଙ୍କୁ ଅଭିଯୋଗ ଥାଏ ମୋତେ ଡାକୁନାହାନ୍ତି । ଏବେ ତ ଡକାଯାଉଛି ସବୁ କ୍ଷେତ୍ରରେ । ସେ ଯେତେବେଳେ ଇଚ୍ଛା ହେଉଛି ଆସୁଛନ୍ତି ନଚେତ୍ ଆଳ ଦେଖାଇ ଆସୁ ନାହାନ୍ତି । ଗତବର୍ଷ ଏହି କାର୍ଯ୍ୟକ୍ରମକୁ ନେଇ ସେ ଟ୍ୱିଟ୍ କରିଥିଲେ, ସମସ୍ତଙ୍କୁ ଜଣାଇଥିଲେ । ତେଣୁ ତାଙ୍କ ପାଇଁ ଦଳ ବଡ । ଆଜିର ଦିନରେ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପୁରୀ ଯାଇ ପାରିଥାନ୍ତେ । କିନ୍ତୁ ସେ ଏହି କାର୍ଯ୍ୟକ୍ରମକୁ ବଡ ବୋଲି ଭାବିଲେ ନାହିଁ ବୋଲି ଗୁରୁତ୍ୱ ଦେଲେ ନାହିଁ ।




## ୧୬ ଜିଲ୍ଲାର ବିଜେଡି ଜିଲ୍ଲା ସଭାପତି ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
୧୬ ଜିଲ୍ଲାରେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବିଜେଡି ଜିଲ୍ଲା ସଭାପତି । ଏନେଇ ବିଜେଡିର ରାଜ୍ୟ ନିର୍ବାଚନ ଅଧିକାରୀ ବିଧାୟକ ପ୍ରତାପ କେଶରୀ ଦେବ ସୂଚନା ଦେଇଛନ୍ତି । ତାଙ୍କ କହିବା ମୁତାବକ, ବିଜେଡିର ସାଙ୍ଗଠନିକ ନିର୍ବାଚନ ପରିଚାଳନା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବାକୁ ଯାଉଛି । ତେବେ ଚତୁର୍ଥ ପର୍ଯ୍ୟାୟ ପ୍ରକ୍ରିୟାରେ ୧୬ ଜିଲ୍ଲାର ନାମାଙ୍କନ ଆସିଛି । ତେବେ ଏହି ସବୁ ଜିଲ୍ଲାରେ ବିଜେଡି ଜିଲ୍ଲା ସଭାପତି ପଦ ପାଇଁ ଜଣେ ଲେଖାଏଁ ନାମାଙ୍କନ ଭରିଥିବାରୁ, ୧୬ ଜଣ ନେତା ନିର୍ଦ୍ଦ୍ୱନ୍ଦ୍ୱରେ ବିଜେଡି ସଭାପତି ନିର୍ବାଚିତ ହେଇଛନ୍ତି ବୋଲି ପ୍ରତାପ ଦେବ ସୂଚନା ଦେଇଛନ୍ତ । ମିଳିଥିବା ସୂଚନା ମୁତାବକ, ପୁରୀ ଜିଲ୍ଲା ବିଜେଡି ସଭାପତି ପଦ ପାଇଁ ନାମାଙ୍କନ ଭରିଛନ୍ତି ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ । ସେହିପରି ସୁନ୍ଦରଗଡ଼ ଜିଲ୍ଲା ପାଇଁ ନାମାଙ୍କନ ଭରିଛନ୍ତି ବିଧାୟକ ଯୋଗେଶ ସିଂ । ବରିଷ୍ଠ ବିଜେଡି ନେତା ମଙ୍ଗଳା କିଷାନଙ୍କ ଉପସ୍ଥିତିରେ ଯୋଗେଶ ଆଜି ଶଙ୍ଖ ଭବନରେ ନାମାଙ୍କନ କରିଛନ୍ତି । ସେପଟେ ଅନୁଗୁଳ ବିଜେଡି ଜିଲ୍ଲା ସଭାପତି ପାଇଁ ତାଳଚେର ବିଧାୟକ ବ୍ରଜ ପ୍ରଧାନ ନାମାଙ୍କନ ଭରିଛନ୍ତି । ଶଙ୍ଖ ଭବନରେ ପହଞ୍ଚି ବ୍ରଜ ପ୍ରଧାନ ନାମାଙ୍କନ କରିଛନ୍ତି । ଅନ୍ୟପଟେ ପୂର୍ବତନ ବିଜେଡି ବିଧାୟକ ମାନସ ମାଡକାମୀ ମାଲକାନଗିରି ଜିଲ୍ଲା ସଭାପତି ପଦ ପାଇଁ ନାମାଙ୍କନ ଭରିଛନ୍ତି ।

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
HADUA IRRIGATION DIVISION, NARASINGHPUR
e-Mail Id – hidirrigation@gmail.com
A-37
'e'-Procurement Notice No. SE-HID(NSPR)- 01/2025-26

The Superintending Engineer, Hadua Irrigation Division, Narasinghpur on behalf of the Governor of Odisha invites online percentage rate basis bid in Single cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 03 (Three) Civil work |
| 2 | Estimated Cost put to tender | : | Approximately Rs..9.95 Lakhs to Rs.19.03 Lakhs |
| 3 | Tender Paper Cost | : | Rs.4,000/- and Rs.6000/- (Non Refundable) |
| 4 | Class of Contractor | : | 'C' & 'D' equivalent Grade / Class |
| 5 | Availability of Bid Documents and receipt of bid through online | : | From 10.00 A.M of 15.04.2025 to 5.00 P.M of 28.04.2025in the website (www.tendersodisha.gov.in) |
| 6 | Date, time & place for opening of online tenders | : | 29.04.2025 at 11.30 A.M and onwardsin the o/o the SE, Hadua Irrigation Division, Narasinghpur. |
| 7 | Date, time & Place for finalization of tender through transparent lottery system (if required) | : | 03.05.2025at 11.30 A.M in the o/o the SE, Hadua Irrigation Division, Narasinghpur |
| 8 | Name and Address of Officer Inviting Tender ( OIT) | : | Superintending Engineer, Hadua Irrigation Division, Narasinghpur, At/PO:-Narsinghpur, Dist:- Cuttack, Odisha. e-mail Id- hidirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in)
The corrigendum/cancellation of the tender, if any will be uploaded and can be seen from the above website only

Superintending Engineer
Hadua Irrigation Division
Narasinghpur
OIPR-32243/11/0008/2526

MARKFED- ODISHA
AREA OFFICE,KALAHANDI
SEALED TENDER CALL NOTICE
NO. 104 DATE: 15.04.2025

Sealed Tender in two Bid systems from ad hoc Rake Cleaning & Transport Contractors in the Odisha. Kesinga/Junagarh Rake point for cleaning 50 Kg/45 Kg weight fertilizer in HDPE bags received from Rail Rakes at Kesinga/Junagarh Railhead. Reputed and financially sound registered contractor with minimum 5 ( Five) years experience in fertilizer rake cleaning are required to submit Tender. The details terms and conditions along with tender paper may be obtained from office of the Area Manager, MARKFED,Bhawanipatna,Kalahandi on the office hour (i.e 10 A.M to 4.30 P.M) in all working days. The last date of receipt of sealed tender is 24.04.2025 by 4.00 P.M. and shall be opened on the next day at 11 a.m. in presence of the member of tender committee in the office of the under signed. The tender paper may be submitted through Register Post/courier service/in person.

The authority reserves the right to accept or reject any or all tender without assigning any reason thereof.

Area Manager,
MARKFED,Kalahandi.

| | | |
|---|---|---|
| 1 | Date of collection of Tender Papers | From Dtd 15.04.2025 to 24.04.2025 from Area Office MARKFED,Junagarh in Office hour. |
| 2 | Last Date & Time Submission of Tender | Date 24.04.2025 by 4.00 p.m. at Area Office MARKFED,Junagarh |
| 3 | Date & Time of opening of Technical Bid and price Bid | Date 28.04.2025 by 11 a.m at area office MARKFED,Junagarh. |

ଭୁବନେଶ୍ୱର
୧୪ ଅପ୍ରେଲ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିର ଉପରେ ଅଭାବନୀୟ ଦୃଶ୍ୟ : ଚିଲ ଉଡାଇଲା ପତିତପାବନ ବାନା

**ଭୁବନେଶ୍ୱର, ୧୩/୦୪**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଉପରେ ଅଭାବନୀୟ ଦୃଶ୍ୟ । ଚିଲ ଉଡାଇନେଲା ପତିତପାବନ ବାନା । ଶ୍ରୀମନ୍ଦିର ଠାରେ ରବିବାର ସକାଳୁ ଦେଖିବାକୁ ମିଳିଛି ଏଭଳି ଅପୂର୍ବ ଦୃଶ୍ୟ। ଏହି ଦୃଶ୍ୟ ଦେଖି ଭକ୍ତମାନେ କିଛି ସମୟ ପାଇଁ ଚିଲଟିକୁ ଚାହିଁ ରହିଥିଲେ। ତେବେ ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟେକ ଦିନ ବାନା ପରିବର୍ତ୍ତନ କରାଯାଉଥିବା ବେଳେ ବିଭିନ୍ନ ସମୟରେ ନୀଳଚକ୍ର ଉପରେ ଚିଲ ବସିଥିବାର ନଜିର ମଧ୍ୟ ଆସିଛି। ହେଲେ ଆଜି ଏକ ଚିଲ ମହାପ୍ରଭୁଙ୍କ ନୀଳଚକ୍ର ବାନା ନେଇ ନୀଳଚକ୍ର ଚତୁଃପାର୍ଶ୍ୱରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ତେବେ ଏଭଳି ଘଟଣା ପୂର୍ବରୁ କେବେ ଦେଖାଯାଇନଥିଲା । ଅପରପକ୍ଷେ ଏଣିକି ସୁବିଧାରେ ହେବ ଜଗା ଦର୍ଶନ। ସୁରୁଖୁରୁରେ ଧାଡି ବାନ୍ଧି ଜଗାକୁ ଦେଖିପାରିବେ ଭକ୍ତ। ଖୁବଶୀଘ୍ର ଭକ୍ତମାନଙ୍କ ପାଇଁ ନାଟମଣ୍ଡପରେ



ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । କିଛି ହୁଣ୍ଡି ସ୍ଥାନାନ୍ତରିତ ପାଇଁ ପରିଚାଳନା କମିଟିର ଅନୁମୋଦନ ଆବଶ୍ୟକ ।ଏଥିପାଇଁ ଖୁବଶୀଘ୍ର ପରିଚାଳନା କମିଟି ଗଠନ ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସେଡ୍ କରାଯାଇଛି ଓ ଆଗକୁ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ସ୍ୱତନ୍ତ୍ର ଭାବେ କରାଯିବ । ରତ୍ନଭଣ୍ଡାର ପ୍ରସଙ୍ଗରେ ପୂର୍ବ ସରକାରଙ୍କୁ ଆଇନମନ୍ତ୍ରୀ ସମାଲୋଚନା କରିଛନ୍ତି। ରତ୍ନଭଣ୍ଡାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବା କହି ପୂର୍ବ ବିଜେଡି ସରକାରଙ୍କୁ କଡା ସମାଲୋଚନା କରିଛନ୍ତି ଆଇନମନ୍ତ୍ରୀ। ଏଏସଆଇ ତରଫରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଛି ଓ ମରାମତି ଶେଷ ହେଲେ ରତ୍ନ ଗଣତିମଣତି ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ଯେଉଁଭଳି ଭାବରେ ଦୂରଦୂରାନ୍ତରରୁ ଆସୁଥିବା ଭକ୍ତଗଣ ହଇରାଣ ହେଉଥିଲେ, ସେମାନଙ୍କୁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବନାହିଁ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



**ପୁରୀ ୧୩/୦୪ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରତ୍ନସିଂହାସନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶିଷ ଲାଭ କଲେ ମୁଖ୍ୟମନ୍ତ୍ରୀ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଶ୍ରୀଜୀଉଙ୍କୁ ଦର୍ଶନ କରି ବିଶେଷ ପୂଜାର୍ଚ୍ଚନା କରିଛନ୍ତି। ସୂଚନା ଅନୁଯାଇ, ରବିବାର ସକାଳୁ ସକାଳୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ନେବା ପାଇଁ ଶ୍ରୀମନ୍ଦିର ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ସେବାୟତଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସହ ଆଇନମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ସାଙ୍ଗରେ ଯାଇଥିଲେ। ରତ୍ନସିଂହାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ମା'ମହାଲକ୍ଷ୍ମୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ସେଠାରେ ବିଶେଷ ପୂଜାର୍ଚ୍ଚନା କରିବା ସହ ଆଶିଷ କାମନା କରିଥିଲେ।







ଭୁବନେଶ୍ୱର : ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପତାକା ଉତ୍ତୋଳନ କରିବା ସହ ବେସାମରିକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ଅଗ୍ନି ନିରାପତ୍ତା ପ୍ରମାଣ ନିୟମ କୋହଳ

# ୧୯୮୨ରୁ ୨୦୧୭ ମଧ୍ୟରେ ନିର୍ମିତ କୋଠାର ପ୍ଲାନ୍ ଅନୁମୋଦନ ଆବଶ୍ୟକ ନାହିଁ

**କଟକ, ୧୩/୪ ନ୍ୟୁଜ ବ୍ୟୁରୋ**

ଅଗ୍ନିଶମ ବିଭାଗ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ନିୟମକୁ କୋହଳ କରିଛି। ୧୯୮୨ରୁ ୨୦୧୭ ମଧ୍ୟରେ ନିର୍ମିତ କୋଠାଗୁଡ଼ିକର ଯଦି ଗୃହ ନିର୍ମାଣ ପ୍ଲାନ୍ ଅନୁମୋଦନ ନଥିବ, ତେବେ ଅନ୍ୟ ବ୍ୟବସ୍ଥାକୁ ବିଚାର କରି ସେମାନଙ୍କୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଅନ୍ୟପଟେ ଅଗ୍ନିଶମ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥାଠାରୁ ଅଗ୍ନି ନିରାପତ୍ତା ଉପକରଣ କିଣି ଘରେ ଲଗାଇଥିଲେ ହିଁ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରାଯିବ। ତଥ୍ୟ ଅନୁଯାୟୀ, କଟକରେ ଏବେ ମାତ୍ର ୫ଟି ସଂସ୍ଥା ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପାଇଛନ୍ତି। ଚୌଧୁରୀବଜାରରେ ଥିବା ଦୁର୍ଗା ଫିଲ୍ମ ଏବଂ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ(ସପିଂ ମଲ୍)କୁ ତିନୋଟି ପୃଥକ



ସାର୍ଟିଫିକେଟ୍ ମିଳିଥିବା ବେଳେ ତ୍ରିଶୂଳିଆରେ ଥିବା ସିଟି ଟ୍ରେଡ ଆର୍କେଡ ପ୍ରାଇଭେଟ୍ ଲିମିଟେଡ, ବାରଙ୍ଗରେ ଥିବା ମେଟ୍ରୋ ଗ୍ରିନ୍‌ଉଡ୍ ଆପାର୍ଟମେଣ୍ଟକୁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ମିଳିଛି। ଅଧିକାଂଶ ଘରର ନିର୍ମାଣ ପ୍ଲାନ୍ ଅନୁମୋଦନ ନଥିବାରୁ ନିରାପତ୍ତା ପ୍ରମାଣପତ୍ର ମିଳିବାରେ ସମସ୍ୟା ହେଉଥିଲା। ତେଣୁ ଏବେ ଏହି ସର୍ତ୍ତକୁ ଅଗ୍ନିଶମ ବିଭାଗ ପକ୍ଷରୁ ହଟାଇ ଦିଆଯାଇଛି। ଫାୟାର ସେଫ୍ଟି ରୁଲ୍ ୨୦୨୫ ଅନୁଯାୟୀ, ମଲ୍ କିମ୍ବା ଅନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନ କୋଠାର ଉଚ୍ଚତା ୯ ମିଟରରୁ ଅଧିକ ବା ୩ ମହଲାରୁ ଅଧିକ ହୋଇଥିଲେ, ୫୦୦ବର୍ଗ ମିଟରରୁ ଅଧିକ ହୋଇଥିଲେ, ସେହି କୋଠାର ଅଗ୍ନି ନିରାପତ୍ତା ସାର୍ଟିଫିକେଟର ଆବଶ୍ୟକତା ରହିଛି। ହସ୍ପିଟାଲ ଉଚ୍ଚତା ୧୨ ମିଟର କିମ୍ବା ଏହାଠାରୁ ଅଧିକ ହୋଇଥିଲେ, ଆଇସିୟୁ ବେଡ୍ କିମ୍ବା ୩୦ ବେଡ୍‌ରୁ ଅଧିକ ଥିଲେ ଅଥବା ୩ ମହଲାରୁ ଅଧିକ ହୋଇଥିଲେ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଆବଶ୍ୟକ। ସ୍କୁଲ, କଲେଜ କିମ୍ବା କୋଚିଂ ସେଣ୍ଟର ୩ ମହଲାରୁ ଅଧିକ ହୋଇଥିଲେ କିମ୍ବା ୧ ହଜାର ବର୍ଗଫୁଟରୁ ଅଧିକ ଅଞ୍ଚଳରେ ଥିଲେ, ସେଥିପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଆବଶ୍ୟକ। କୋଠାରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ଗାଡ଼ି ଯିବା ଆସିବା ପାଇଁ ରାସ୍ତା, ବିଦ୍ୟୁତ୍ ସୁରକ୍ଷା, କୋଠାର ସ୍ଥାୟିତ୍ୱ ଇତ୍ୟାଦି ପ୍ରସଙ୍ଗକୁ ବିଚାର କରାଯିବ। ନୂଆ ନିୟମ ଅନୁଯାୟୀ, ଅଗ୍ନି ନିରାପତ୍ତା ଉପକରଣ ଯୋଗାଉଥିବା ଭେଣ୍ଡରମାନେ ଅଗ୍ନିଶମ ନିର୍ଦ୍ଦେଶାଳୟରେ ଆବେଦନ କରି ସ୍ୱୀକୃତି ଓ ଲାଇସେନ୍ସ ନେବେ। ଏହି ସ୍ୱୀକୃତିପ୍ରାପ୍ତ ଭେଣ୍ଡରଙ୍କ ତଥ୍ୟ ଅଗ୍ନିଶମ ବିଭାଗର ୱେବ୍‌ସାଇଟ୍‌ରେ ରହିବ। ସେହି ଭେଣ୍ଡରମାନଙ୍କ ମାଧ୍ୟମରେ କୋଠାରେ ଅଗ୍ନି ନିରାପତ୍ତା ଉପକରଣ ଲଗାଇବାକୁ ଆବେଦନ କରାଯାଇ ପାରିବ। ଯଦି କେହି ବ୍ୟକ୍ତି ଅଣସ୍ୱୀକୃତିପ୍ରାପ୍ତ ଭେଣ୍ଡରଠାରୁ ଉପକରଣ କିଣନ୍ତି ତେବେ ସେମାନଙ୍କୁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ମିଳିବ ନାହିଁ। ସ୍ୱୀକୃତିପ୍ରାପ୍ତ ସଂସ୍ଥାର ଉପକରଣ ବି ଯଦି କୌଣସି ଅଘଟଣ ସମୟରେ କାମ ନ କରେ ତେବେ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବ।

## ରାଜଧାନୀରୁ ପିଲା ଚୋରି

**ଭୁବନେଶ୍ୱର,୧୩/୪ ନ୍ୟୁଜ ବ୍ୟୁରୋ**

ରାଜଧାନୀରୁ ପିଲା ଚୋରି। ରାମ ମନ୍ଦିର ସମ୍ମୁଖରୁ ରାତି ଅଧରେ ଛୁଆ ଚୋରି ହୋଇଛି । ଅନ୍ଧୁଣି ମାଆ ଖାରବେଳ ନଗର ଥାନାରେ ଗୁହାରି କରିଛି । ରାତି ୨ଟା ସମୟରେ ଦେଢ଼ ବର୍ଷର ପୁଅକୁ କିଏ ନେଇ ଯାଇଥିବା ଅଭିଯୋଗ କରିଛନ୍ତି ମା'ଜୟନ୍ତୀ ମଲ୍ଲିକ। ଜୟନ୍ତୀ ରାମ ମନ୍ଦିର ସମ୍ମୁଖରେ ଭିକ ମାଗି ଚଳନ୍ତି। ଜୟନ୍ତୀଙ୍କ ଦୁଇଟି ଛୁଆ, ଗୋଟିଏ ଝିଅ ୭ ବର୍ଷର ଗୋଟିଏ ପୁଅ ଦେଢ଼ ବର୍ଷର । ଶନିବାର କେହି ଜଣେ ଯୁବକ ରାତି ଅଧରେ ଆସି ଜୟନ୍ତୀଙ୍କ ଦେଢ଼ ବର୍ଷର ପୁଅ ଶୁଭମଙ୍କୁ ନେଇ ପଳାଇଥିବାର ଘଟଣା ସାମ୍ନାକୁ ଆସିଛି । ଅଭିଯୋଗ ପରେ ଖାରବେଳ ନଗର ଥାନା ପୋଲିସ ଘଟଣାର ଛାନଭିନ କରୁଛି ।